# ଜଙ୍ଗଲରୁ ବାହାରି ରାଜପଥରେ ହାତୀ

## ଯାତାୟାତ ବାଧାପ୍ରାପ୍ତ, ଅଞ୍ଚଳବାସୀ ଆତଙ୍କିତ

**କାମାକ୍ଷାନଗର, ୧୬ ।୧(ସମିସ):** ଜଙ୍ଗଲରୁ ବାହାରି ଜନବସତି ଓ ଜାତୀୟ ରାଜପଥରେ ତିନି ହାତୀଙ୍କ ଉତ୍ପାତ । କାମାକ୍ଷାନଗର ସହର ନିକଟ ମାଳପୁରା ଗ୍ରାମରେ ତିନିଟିକିଆ ହାତୀପଲଙ୍କ ଉତ୍ପାତ ଯୋଗୁଁ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ସୂଚନା ଅନୁସାରେ, କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ରାଇବୋଲ ଗ୍ରାମ ଜଙ୍ଗଲରେ ତିନି, ଚାରି ଦିନ ତଳେ ୬୦ ଟିକିଆ ହାତୀପଲ ରହିଥିଲେ । ତେବେ ସେଠାରୁ ବନବିଭାଗ ଓ ସ୍ଥାନୀୟ ବାସିନ୍ଦା ହାତୀପଲଙ୍କୁ ଘଉଡ଼ାଇବା ଫଳରେ ସେମାନେ ବିଭିନ୍ନ ଭାଗରେ



ବିଭକ୍ତ ହୋଇ ଜନବସତି ମୁହାଁ ହୋଇଛନ୍ତି । ଜାତୀୟ ରାଜପଥ ଉପରେ ଆତଙ୍କ ସୃଷ୍ଟି କରୁଛନ୍ତି । ଗୁରୁବାର ସକାଳେ କାମାକ୍ଷାନଗର-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ମାଳପୁରା ଗ୍ରାମ ନିକଟରେ ତିନି ହାତୀ ଉତ୍ପାତ ଚଳାଇଛନ୍ତି । ରାଜପଥ ଉପରେ ହାତୀଗୁଡ଼ିକ ଉତ୍ପାତ କରୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ତେବେ ବନବିଭାଗ ଓ ଗ୍ରାମବାସୀଙ୍କ ଉଦ୍ୟମରେ ହାତୀଙ୍କୁ ଘଉଡ଼ାଇବା ପାଇଁ ଚେଷ୍ଟା କରାଯାଉଥିବା ବେଳେ ହାତୀପଲ ଏବେ ଜାତୀୟ ରାଜପଥ ପାର୍ଶ୍ୱ ବିଲରେ ଅଛନ୍ତି । ଫଳରେ ନିକଟସ୍ଥ ଜିରିଡ଼ାମାଳି, ରାଜକୁଳା, ନୀଳମାଧବପୁର, ବାଇସିଙ୍ଗା ପ୍ରଭୃତି ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି । ଦୁଇଦିନ ତଳେ ଲୋକନାଥପୁର ଗ୍ରାମରେ ଦନ୍ତାହାତୀ ଉତ୍ପାତ କରିଥିବା ବେଳେ ଆଜି ମାଳପୁରା ନିକଟରେ ତିନି ହାତୀଙ୍କ ଉତ୍ପାତ ବନ ବିଭାଗର ମୁଣ୍ଡବ୍ୟଥାର କାରଣ ସାଜିଛି ।

## କଲ୍ୟାଣୀ ଷ୍ଟିଲ୍ କାରଖାନା ପ୍ରତିଷ୍ଠାରେ ବିଳମ୍ବ

# ପରିବେଶ, ଜଙ୍ଗଲ ବିଭାଗ ଅନୁମତି ମୁଖ୍ୟ ସମସ୍ୟା

**ଢେଙ୍କାନାଳ, ୧୬ ।୧(ସମିସ):** ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ନିକଟ ଗଜମରାରେ କଲ୍ୟାଣୀ ଷ୍ଟିଲ୍ ଲିମିଟେଡ ତରଫରୁ ଟିଟାନିୟମ ମେଟାଲ, ଏରୋସ୍ପେସ୍, ଅଟୋମୋଟିଭ୍ ଯନ୍ତ୍ରାଂଶ ସହ ଅତ୍ୟାଧୁନିକ ଷ୍ଟିଲ ଉତ୍ପାଦନ ପାଇଁ ଏମଓୟୁ ସ୍ୱାକ୍ଷର କରାଯାଇଛି । ଏହି କାରଖାନାରେ ୧୧ ହଜାର ୭୫୦ କୋଟି ଟଙ୍କା ବିନିଯୋଗ ହେବା ସହିତ ୧୦ ହଜାର ନିଯୁକ୍ତି ସୃଷ୍ଟି ହେବ ବୋଲି ରାଜ୍ୟ ସରକାରଙ୍କ ସହ କଲ୍ୟାଣୀ ଷ୍ଟିଲ ଏମଓୟୁ ସ୍ୱାକ୍ଷର କରିଛି । ତେବେ କାରଖାନା ପ୍ରତିଷ୍ଠାରେ ବିଳମ୍ବ ଯୋଗୁଁ ବିଭିନ୍ନ ଆଶଙ୍କା ପ୍ରକାଶ ପାଇଛି । ପରିବେଶ, ଜଙ୍ଗଲ ବିଭାଗ ଅନୁମତି ମୁଖ୍ୟ ସମସ୍ୟା ସାଜିଛି ।

୨୦୦୮-୦୯ରେ ଗଜମରା ନିକଟରେ ୧୬ଶହ ମେଗାୱାଟ ଏନ୍‌ଟିପିସି ପାୱାର ପ୍ଲାଣ୍ଟ ସ୍ଥାପନ ପାଇଁ ସରକାରଙ୍କ ସହିତ ଏମ୍ଓୟୁ ସ୍ୱାକ୍ଷର ହୋଇଥିଲା । ସିଆରିଆ, ପାତ୍ରଭାଗା, ମାଣିପୁର ଏବଂ ତାଳବରକୋଟ ପଞ୍ଚାୟତର ୭୯୭ ଏକର ୮୫ ଡିସିମିଲ ଘରୋଇ ଜମିରେ କାରଖାନ ସ୍ଥାପନ ପାଇଁ ଯୋଜନା କରାଯାଇଥିଲା । ମୋଟ ୧୧ଶହ ଏକର ଜମିରୁ ୯ଶହ ଏକର ଘରୋଇ ଜମି ରହିଥିବା ବେଳେ ୨ଶହ ଏକର ସରକାରୀ ଜମି ରହିଛି । ୨୦୦୮-୦୯ରେ ପାୱାର ପ୍ଲାଣ୍ଟ ସ୍ଥାପନ କରିବାକୁ ଯୋଜନା ରହିଥିବା ବେଳେ ଏନ୍‌ଟିପିସି ଗଜମରା ପ୍ରକଳ୍ପକୁ ସରକାରଙ୍କ ପକ୍ଷରୁ ବନ୍ଦ କରାଯାଇଛି । ଜିଲ୍ଲା ପ୍ରଶାସନକୁ ଗଚ୍ଛିତ ଥିବା ୪

### ■ ଏନ୍‌ଟିପିସି ଓହରିବା ପରେ କଲ୍ୟାଣୀକୁ ନେଇ ତତ୍ପରତା

କୋଟି ୩୭ଲକ୍ଷ ୩ହଜାର ୭ଶହ ଟଙ୍କା ସହିତ ସରକାରୀ ଜମିପାଇଁ ଥିବା ୪କୋଟି ଟଙ୍କା ତୁରନ୍ତ ଫେରାଇ ଦେବାକୁ ନିବେଦନ କରାଯାଇଥିଲା । ଏ ସଂକ୍ରାନ୍ତରେ ତହସିଲଦାର ତଥା ଜମି ଅଧିଗ୍ରହଣ ଅଧିକାରୀଙ୍କୁ ୪ଟି ଗ୍ରାମର ଲୋକଙ୍କୁ ଆଉ କ୍ଷତିପୂରଣ ନ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଦୀର୍ଘ ୧୬ ବର୍ଷ ହେବ ପାୱାର ପ୍ଲାଣ୍ଟ ନିର୍ମାଣ ନିମନ୍ତେ ଯୋଜନା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ସେହି ଜମିରେ କଲ୍ୟାଣୀ ଷ୍ଟିଲ ଲିମିଟେଡ ତରଫରୁ ଓଡ଼ିଶା ସରକାରଙ୍କ ସହିତ ଏମଓୟୁ କରାଯିବା ପରେ ପ୍ଲାଣ୍ଟନିର୍ମାଣ ହେଲେ ୧୦ ହଜାର ନିଯୁକ୍ତି ସୃଷ୍ଟି ହେବ ବୋଲି ଜଣାପଡ଼ିଛି । ଏହି କାରଖାନା ପ୍ରତିଷ୍ଠା ନିମନ୍ତେ କଲ୍ୟାଣୀ ଷ୍ଟିଲ୍ କର୍ତ୍ତୃପକ୍ଷ ତତ୍ପର ହୋଇଥିବା ବେଳେ ପରିବେଶ ଓ ଜଙ୍ଗଲ ବିଭାଗ ଅନୁମତି ସହିତ ମୃତ୍ତିକା ପରୀକ୍ଷା ରିପୋର୍ଟ ମୁଖ୍ୟ ସମସ୍ୟା ହୋଇଛି । ଏହା ଢେଙ୍କାନାଳ ଜିଲ୍ଲାରେ ଅତିରିକ୍ତ ନିଯୁକ୍ତି ସହିତ ଔଦ୍ୟୋଗିକତାକୁ ଉତ୍ସାହିତ କରିବ ବୋଲି ଜଣାପଡ଼ିଛି । ଫଳରେ ଓଡ଼ିଶା ଅଟୋମୋବାଇଲ ଯନ୍ତ୍ରାଂଶ, ମହାକାଶ ଓ ପ୍ରତିରକ୍ଷା ଉତ୍ପାଦ କ୍ଷେତ୍ରରେ ଟିଟାନିୟମ ପ୍ରବେଶ କରିବ । ଏହି କାରଖାନାରେ ପ୍ରାୟ ୧୧ ହଜାର ୭୫୦ କୋଟି ଟଙ୍କା ବିନିଯୋଗ ହେବ ବୋଲି କଲ୍ୟାଣୀ ଗ୍ରୁପ୍ ତରଫରୁ କୁହାଯାଇଛି । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୦ ହଜାର ନିଯୁକ୍ତି ସୃଷ୍ଟି ହୋଇ ଜିଲ୍ଲାର ବିକାଶ ହେବ । ଏହା ଅତ୍ୟାଧୁନିକ ଯନ୍ତ୍ରପାତି ଉତ୍ପାଦନ ସହ ଟିଟାନିୟମ ମେଟାଲ, ଏରୋସ୍ପେସ, ଅଟୋମେଟିଭ୍ କମ୍ପୋନେଣ୍ଟସ ଏବଂ ଅତ୍ୟାଧୁନିକ ଷ୍ଟିଲ ଉତ୍ପାଦନର ହବ୍ ହେବ ବୋଲି ଜଣାପଡ଼ିଛି । ଜିଲ୍ଲାରେ ଏନ୍‌ଟିପିସି ଗଜମରା ୧୬ବର୍ଷ ଧରି କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଭୁଆଁ ବୁଲାଇବା ପରେ ପୁଣି କଲ୍ୟାଣୀ ଗ୍ରୁପ ଗତ ୨ବର୍ଷ ହେବ ଏମ୍ଓୟୁ ସ୍ୱାକ୍ଷର କରି ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟ ଆରମ୍ଭ କରିନାହିଁ । ବର୍ତ୍ତମାନ ଇଡ୍‌କୋ ୫୬୦ ଏକର ଜମିରେ କାରଖାନା ପ୍ରତିଷ୍ଠା କରିବାକୁ ଅନୁମତି ପ୍ରଦାନ କରିଥିବା ବେଳେ ୧୬୦ ଏକର ଜଙ୍ଗଲ କିସମ ଜମି ରହିଛି । ଏହି କାରଖାନା ପ୍ରତିଷ୍ଠା ପାଇଁ ପରିବେଶ ଅନୁମତି, ଜଙ୍ଗଲ ବିଭାଗ ଅନୁମତି ଏବଂ ମୃତ୍ତିକା ପରୀକ୍ଷା ରିପୋର୍ଟ ଆସିଲେ କାରଖାନା ନିର୍ମାଣ ହେବ ବୋଲି ଜଣାପଡ଼ିଛି । ଏହି କାରଖାନା ପ୍ରତିଷ୍ଠା ନିମନ୍ତେ ପ୍ରାୟ ୩୦ ହଜାର ଗଛ କଟାଯିବା ସମ୍ଭାବନା ରହିଛି । ସମସ୍ତ ଅନୁମତି ପାଇବା ପରେ ୨୦୨୬ ମାର୍ଚ୍ଚରୁ କାମ ଆରମ୍ଭ ହୋଇପାରେ ବୋଲି ଜଣାପଡ଼ିଛି ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ଭୁବନ, ୧୬ ।୧(ସମିସ):** ଭୁବନ ବ୍ଲକ ଜିରାଳସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ମଣିଷକୁ ମାର୍ଗ ଦର୍ଶାଏ, ଜୀବନଧାରଣ ମାନରେ ଉନ୍ନତି ପାଇଁ ଶିକ୍ଷା ହିଁ ଅପରିହାର୍ଯ୍ୟ, ବିଦ୍ୟାଳୟ ଶିକ୍ଷା କୋମଳମତି ବିଦ୍ୟାର୍ଥୀଙ୍କୁ ସଠିକ୍ ମାର୍ଗଦର୍ଶନ କରିଥାଏ ବୋଲି କହିଥିଲେ । ବିଷ୍ଣୁପ୍ରସଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଫୁଲ୍ଲ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରଧାନଆଚାର୍ଯ୍ୟ ସନ୍ନ୍ୟାସୀ ବରାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଶିକ୍ଷୟିତ୍ରୀ ଜ୍ଞାନମଞ୍ଜରୀ ନାୟକ ପୁରସ୍କାର ବିତରଣ ଉତ୍ସବ ସଂଯୋଜନା କରିଥିଲେ । ଉପଦେଷ୍ଟା ଦିଲୀପ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ପରିଷଦ ସଭ୍ୟା ଶିଳାରାଣୀ ସାହୁ, ପ୍ରଭାତ ଦାଶ, ସସ୍ମିତା ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଭିତ୍ତିଭୂମି ତଦାରଖ

**କାମାକ୍ଷାନଗର, ୧୬ ।୧(ସମିସ):** କାମାକ୍ଷାନଗରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ଶିକ୍ଷା ବିଭାଗ ତରଫରୁ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି । ଏନେଇ କେନ୍ଦ୍ରୀୟ ବିଦ୍ୟାଳୟ କମିଟିର ଏକ ତିନିଜଣିଆ ଟିମ୍ କାମାକ୍ଷାନଗର ପହଞ୍ଚି ଭିତ୍ତିଭୂମି ତଦାରଖ କରିବା ସହ ବିଦ୍ୟାଳୟ ପାଇଁ ଆବଶ୍ୟକ ସ୍ଥାନ ବୁଲି ଦେଖିଥିଲେ । ବିଭିନ୍ନ ସ୍ଥାନ ବୁଲି ଦେଖିବା ପରେ ୫୩ ନମ୍ବର ଜାତୀୟ ରାଜପଥ ମାଳପୁରା ନିକଟରେ ବିଦ୍ୟାଳୟ ସ୍ଥାପନ ହେବା ନେଇ ପ୍ରଶାସନ ତରଫରୁ ଚିହ୍ନଟ କରାଯାଇଥିବା ସ୍ଥାନକୁ ସବୁଜ ସଙ୍କେତ ଦେଇଛି କେନ୍ଦ୍ରୀୟ ଟିମ । ଜାତୀୟ ରାଜପଥ ପାର୍ଶ୍ୱ ଓ ସହର ନିକଟରେ ଥିବାରୁ ଏହି ସ୍ଥାନରେ ୧୫ ଏକର ଜାଗାରେ ବିଦ୍ୟାଳୟ ସ୍ଥାପନ



କରିବାକୁ ପ୍ରାୟତଃ ସ୍ଥିର କରାଯାଇଛି । ଏହି ଟିମ୍ ସହିତ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଉପଜିଲ୍ଲାପାଳ ବିବୁଧ ଗଡ୍‌ନାୟକ, ତହସିଲଦାର ପ୍ରିୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ସହରର ମୁଣ୍ଡିଦେଉଳିଠାରେ ନବନିର୍ମିତ ମହିଳା ମହାବିଦ୍ୟାଳୟରେ ଅସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ପାଠପଢ଼ା ଆରମ୍ଭ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଉପଜିଲ୍ଲାପାଳ ଗଡ୍‌ନାୟକ ସୂଚନା ଦେଇଛନ୍ତି ।

# ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଗଁଦିଆ, ୧୬ ।୧(ସମିସ):** ଗଁଦିଆ ବ୍ଲକ ପିଙ୍ଗୁଆସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି । ରଶ୍ମିବାଳା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ନଗେନ୍ଦ୍ର କୁମାର ବଳ ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣ




କୌଶଳର ଉପାଦେୟତା ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶିକ୍ଷିତା ତପସ୍ୱିନୀ ସେଠୀ, ଅଧ୍ୟାପିକା ଆରତୀ କୁମାରୀ ମୁଦୁଲି, ମଧୁସ୍ମିତା ମହାନ୍ତି, ଅନନ୍ୟା ପଟ୍ଟନାୟକ, ସୁଚରିତା ବେହେରା ଦେବବ୍ରତ ଦାସ, ବସନ୍ତ କୁମାର ରାଉତ, ଅନନ୍ତ ଚରଣ ସାହୁ, ଯୋଗୀନାଥ ଦାସଙ୍କ ସମେତ ସମସ୍ତ କର୍ମଚାରୀ, ନିମନ୍ତ୍ରିତ ଅତିଥି ଭାବେ ଶକ୍ତିଟିଭି ପୂର୍ବ ଓଡ଼ିଶା ବ୍ୟୁରୋ ଚିଫ୍ ପ୍ରଦୀପ କୁମାର ଦାସ ଯୋଗଦେଇ ସହଯୋଗ କରିଥିଲେ । କ୍ରୀଡ଼ା ଶିକ୍ଷକ ଦୀପାଂଶୁ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା ।

## କ୍ରିକେଟ୍ ଖେଳରୁ ଗୋଷ୍ଠୀ ସଂଘର୍ଷ ଘଟଣା

# ଦଳିତ ଲୋକଙ୍କୁ ଆକ୍ରମଣ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

**ଢେଙ୍କାନାଳ, ୧୬ ।୧(ସମିସ):** ରାସୋଳ ଥାନା ବେଡ଼ାପଡ଼ା ଗ୍ରାମର ଅନୁସୂଚୀତ ଜାତି ବର୍ଗର ଲୋକଙ୍କ ଉପରେ ଅତ୍ୟାଚାରକୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି । ଜାନୁଆରୀ ୧୨ ତାରିଖ ବେଡାପଡ଼ା ଗ୍ରାମରେ ୪ କ୍ଲବ୍‌ର ଯୁବକମାନେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲେ । ଖେଳ ପଡ଼ିଆରେ କିଏ କାହା ସହ କେଉଁ କାରଣ ପାଇଁ ଗଣ୍ଡଗୋଳ କଲା ତାହା ଅନୁସୂଚିତ ଜାତିର ଲୋକମାନଙ୍କୁ ଜଣାନାହିଁ । କିନ୍ତୁ ବେଡାପଡ଼ା ଗ୍ରାମର ୨୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ସଂଘବଦ୍ଧ ଭାବେ ମାରଣାସ୍ତ୍ର, ଖଣ୍ଡା, ଭୁଜାଲି, କଟୁରି, ଲୁହାଛଡ଼, ପଥର, ଷ୍ଟମ୍ପ୍ ଆଦି ଧରି ରାତି ପ୍ରାୟ ୯ଟାରେ ଅନୁସୂଚୀତ ଜାତି ବର୍ଗର ଲୋକଙ୍କ ସାହିରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରିବା ସହିତ ଜୀବନରୁ ମାରିଦେବୁ, ବମ୍ ପକାଇ ଉଡ଼ାଇ ଦେବୁ ଆଦି ଧମକ ଦେଇଥିଲେ ବୋଲି ସାହିବାସିନ୍ଦା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଏଥିସହ ଘର, ଦୋକାନ, ବାସକୁସନ, ଚେୟାର, ଭାତହାଣ୍ଡି ଆଦି ଭାଙ୍ଗି ଦେଇଛନ୍ତି । କୂଅରେ ଆବର୍ଜନା ପକାଇ ପାଣି ଦୂଷିତ କରିଦେଇଛନ୍ତି । ସରକାରୀ ନଳକୂପ ମଧ୍ୟ ଭାଙ୍ଗି ଦେଇଛନ୍ତି । ପଥରମାଡ଼ କରିବା ଦ୍ୱାରା ତାହା ସାହିର କଳାବତୀ ନାଏକ (୭୦)ଙ୍କ ମୁଣ୍ଡରେ ବାଜି ଆହତ ହୋଇଛନ୍ତି । ସାହିରୁ ବିଦ୍ୟୁତ୍ କାଟିବା ସହ ସରପଞ୍ଚଙ୍କ ମିଥ୍ୟା ଅଭିଯୋଗରେ ସାହିର କେତେକ ଯୁବକଙ୍କୁ ମିଥ୍ୟା ମାମଲାରେ ଫସାଇ ଜେଲ୍ ପଠାଇଛନ୍ତି । ଅନ୍ୟମାନଙ୍କୁ ଗିରଫ କରିବାକୁ ପୁଲିସ୍ ଖୋଜୁଛି ବୋଲି



ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଫଳରେ ଛୋଟ ପିଲାମାନଙ୍କୁ ଧରି ସାହିର ମହିଳାମାନେ ଜଙ୍ଗଲରେ ଲୁଚୁଛନ୍ତି । ଏଭଳି କାର୍ଯ୍ୟକଳାପ ଗ୍ରାମ ସଭାପତି ଦୁଷ୍ମନ୍ତ ଗଡ୍‌ନାୟକ, ରାଜେଶ ପରିଡ଼ା, ସୁଶିଳ ଗଡ୍‌ନାୟକ, ମନ୍ଦରଧର ସାମଲ, ଅଜିତ୍ ସାମଲ, ମିହିର ରାଉତ, ଅଧିକାରୀ ସାମଲ ପ୍ରମୁଖଙ୍କ ନେତୃତ୍ୱରେ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି । ସାହିରେ କୌଣସି ପୁରୁଷ ଲୋକ ନ ଥିବାରୁ ମହିଳାମାନେ କେଉଁଠି ରହିବେ, କେମିତି ଚଳିବେ ଏସବୁ ଭାବି ଭାଙ୍ଗି ପଡ଼ିଛନ୍ତି । ଗଣ୍ଡଗୋଳ ସହ କୌଣସି ସମ୍ପର୍କ ନ ଥାଇ ଏପରି ପରିସ୍ଥିତି ଭୋଗିବାକୁ ପଡୁଛି ବୋଲି ଜିଲ୍ଲାପାଳଙ୍କ ପାଖରେ ଗୁହାରି କରିଛନ୍ତି । ସ୍ଥାନୀୟ ସରପଞ୍ଚ ମଧ୍ୟ ଜାତିଆଣ ଭେଦଭାବ କରି କୌଣସି ସହଯୋଗ ବା ସରକାରୀ ସୁବିଧା ଦେଉନାହାନ୍ତି କି ମଠ, ମନ୍ଦିର ଓ ଦୋକାନରେ ବି ଜାତିଆଣ ବାରଣ କରି ହୀନମନ୍ୟତା ପୋଷଣ କରୁଛନ୍ତି ବୋଲି ଦର୍ଶାଇଛନ୍ତି । ଏ ସବୁ ଘଟଣାର ତଦନ୍ତ କରି ସରକାରଙ୍କ ତରଫରୁ ନ୍ୟାୟ ପ୍ରଦାନ କରିବାକୁ ଉକ୍ତ ସାହିର ମହିଳା ଓ ଶିଶୁମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ଏହି ଅଭିଯୋଗ ପ୍ରଦାନ ବେଳେ ବେଡ଼ାପଡ଼ା ଅନୁସୂଚିତ ଜାତି ବର୍ଗର ରୀନା ନାଏକ, ଅମ୍ବିକା ନାଏକ, ଜ୍ୟୋତ୍ସ୍ନା ନାଏକ, ଲକ୍ଷ୍ମୀ ନାଏକ, ପିଙ୍କି ନାଏକ, ଉର୍ବଶୀ ନାଏକ, ଭାରତୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ସିଏମ୍ ଟ୍ରଫି ନିମନ୍ତେ ଜିଲ୍ଲାସ୍ତରୀୟ ଫୁଟବଲ ଚାମ୍ପିଅନସିପ୍



**ଢେଙ୍କାନାଳ, ୧୬ ।୧(ସମିସ):** ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ସିଏମ ଟ୍ରଫି ନିମନ୍ତେ ଜିଲ୍ଲାସ୍ତରୀୟ ୧୫ ବର୍ଷରୁ କମ୍ ଆନ୍ତଃ କ୍ଲବ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପାଠ ସହିତ କ୍ରୀଡ଼ା ଅଭ୍ୟାସ ଶରୀର ଓ ଜୀବନ ଗଠନରେ ବିଶେଷ ସହାୟକ ହୋଇଥାଏ ବୋଲି ସେ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡ଼ା ଜୀବନଶୈଳୀରେ ପରିବର୍ତ୍ତନ ଆଣିଥାଏ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାଶ, କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି । ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ସଂଘ ମିଳିତ ସହଯୋଗରେ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ଚାମ୍ପିଅନସିପ୍ ଅନୁଷ୍ଠିତ ହେବ । ଏଥିରେ ଜିଲ୍ଲାର ୮ଟି କ୍ଲବ୍ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ କ୍ରୀଡ଼ା ଅଧିକାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଘୋଷକ ଅମୀୟ କୁମାର ଚାନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଧର୍ମପରାୟଣ ମହିଳାଙ୍କ ବିୟୋଗରେ ଶୋକ



**ଢେଙ୍କାନାଳ, ୧୬।୧(ସମିସ):** ଢେଙ୍କାନାଳ ପୌରାଞ୍ଚଳ ୧ ନମ୍ବର ୱାର୍ଡ ଆନନ୍ଦନଗର ବାସିନ୍ଦା ଅଞ୍ଜଳି ମହାନ୍ତି (୫୩)ଙ୍କ ପରଲୋକ ଘଟିଛି । ସେ ଜଣେ ଧର୍ମପରାୟଣ ମହିଳା ଥିଲେ । ନିଜସ୍ୱ ଉଦ୍ୟମରେ ସେ ବ୍ରାହ୍ମଣୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା କରି ମୃତ୍ୟୁ ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରୁଥିଲେ । ଜଣେ ସମାଜସେବୀ ଭାବେ ସେ ଅଞ୍ଚଳରେ ସୁପରିଚିତ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ନଗେନ ମହାନ୍ତି, ଦିଅର ମହେନ୍ଦ୍ର ମହାନ୍ତି ଓ ପରିବାରବର୍ଗ ଉପସ୍ଥିତ ଥିଲେ । ଏକମାତ୍ର ପୁଅ ଅମୀୟ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଆନନ୍ଦନଗର, କାଠଗଡ଼ା ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଛ'ଦେଶ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

# 'ଗ୍ରାମାଞ୍ଚଳର ସାହିତ୍ୟାନୁଷ୍ଠାନ ଓଡ଼ିଆ ଅସ୍ମିତାର ବାସ୍ତବ ବାର୍ତ୍ତାବହ'

**ଢେଙ୍କାନାଳ, ୧୬ ।୧(ସମିସ):** ସଦର ବ୍ଲକ ଛ'ଦେଶ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଗ୍ରାମାଞ୍ଚଳରେ ଗଢ଼ିଉଠୁଥିବା ସାହିତ୍ୟ ଅନୁଷ୍ଠାନଗୁଡ଼ିକ ବାସ୍ତବରେ ଓଡ଼ିଆ ଅସ୍ମିତାର ବାର୍ତ୍ତାବହ ବୋଲି ପ୍ରକାଶ କରିଥିଲେ । ଛ'ଦେଶ ସାହିତ୍ୟ ସଂସଦ ଜିଲ୍ଲା ସ୍ତରରେ ଏକ ପ୍ରତିଷ୍ଠିତ ଅନୁଷ୍ଠାନ ଭାବେ ନିଜ ଅଞ୍ଚଳର ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟକୁ ରାଜ୍ୟ ସ୍ତରରେ ପ୍ରଚାର ପ୍ରସାର କରିବାରେ ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ହେଲା କାର୍ଯ୍ୟ କରୁଥିବାରୁ ମନ୍ତ୍ରୀ ପାତ୍ର ପ୍ରଶଂସା କରିଥିଲେ । ଏହି ଅବସରରେ ସେ ସଂସଦର ମୁଖପତ୍ର 'ଅନ୍ୱେଷା' ଓ କବି ଦୁର୍ଯ୍ୟୋଧନ ନାଏକଙ୍କ କବିତା ସଙ୍କଳନ 'କବିତା ସୌରଭ' ଉନ୍ମୋଚନ କରିଥିଲେ । ଏହି ଅବସରରେ ବିଶିଷ୍ଟ ଭାଷାବିଜ୍ଞାନୀ ଗୋଲୋକ ବିହାରୀ ଧଳ ସ୍ମୃତି ସମ୍ମାନରେ ଡା. ରବି ନାରାୟଣ ପଣ୍ଡା, ବଂଶୀଧର ଜେନା କଳା ସମ୍ମାନରେ ଆନନ୍ଦ ସାମଲ, ଚନ୍ଦ୍ରଶେଖର ଶତପଥୀ ସାହିତ୍ୟ ସମ୍ମାନରେ କାହ୍ନୁଚରଣ ମୁଦୁଲି, ନୃପବର ଧଳ ସେବା ସମ୍ମାନରେ ରବିନାରାୟଣ ରାଉତ, ଛ'ଦେଶ ଆଦର୍ଶ କୃଷକ ସମ୍ମାନରେ ଉଲ୍ଲାସ ଚନ୍ଦ୍ର ବିଶ୍ୱାଳ, କ୍ୟାପ୍ଟେନ ନୃପବର ସ୍ମୃତି ସମ୍ମାନରେ ନିମାଇଁ ଚରଣ ଜେନା, ପ୍ରଫୁଲ୍ଲ ଜଗଦେବ ସ୍ମୃତି ସମ୍ମାନରେ ହୃଦାନନ୍ଦ ବେହେରା, ନିବାରଣ ଚନ୍ଦ୍ର ଧଳ ସ୍ମୃତି ସମ୍ମାନରେ ପ୍ରାଣବନ୍ଧୁ ନାୟକ, ସ୍ୱର୍ଣ୍ଣତାରା ପ୍ରତିଭା ପ୍ରେରଣା ସମ୍ମାନରେ ପ୍ରକାଶ ଚନ୍ଦ୍ର ରାଉତ, ବିଶ୍ୱ ଓଡ଼ିଶା କଳାକାର ସମ୍ମାନରେ କୁଳମଣି ସାହୁ, ବିଶ୍ୱ ଓଡ଼ିଶା ସାରସ୍ୱତ ସମ୍ମାନରେ ସୁବାସ ନାଏକ ଏବଂ ଛ'ଦେଶ ସାହିତ୍ୟ ସଂସଦ ସ୍ୱତନ୍ତ୍ର ସମ୍ମାନରେ




ଶଙ୍କର୍ଷଣ ଶତପଥୀଙ୍କୁ ମନ୍ତ୍ରୀ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ସଭାପତି ନୀଳମଣି ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଷ୍ଣୁ ପ୍ରସାଦ ଲେଙ୍କା ସମ୍ମାନିତ ଅତିଥି, ବରିଷ୍ଠ ସାରସ୍ୱତ ସାଧକ କବିମଣି ଇନ୍ଦ୍ରମଣି ନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଥମ ଦିବସରେ ଅବସରପ୍ରାପ୍ତ ପ୍ରଶାସକ ତପନ କୁମାର ଶତପଥୀ ଉଦ୍‌ଘାଟକ ଭାବେ ଯୋଗଦେଇ ସଂସଦର ସାରସ୍ୱତ ପତାକା ଉତ୍ତୋଳନ କରିଥିଲେ । ଉପସଭାପତି ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶତପଥୀ ସାପୁଆ ସ୍ୱଜଳ ଅଭିଯାନକୁ ତ୍ୱରାନ୍ୱିତ କରିବା ଦିଗରେ ତାଙ୍କ ସହଯୋଗ ରହିବ ବୋଲି କହିଥିଲେ । ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପକୁ ପ୍ରଶଂସା କରିଥିଲେ । ବିଶିଷ୍ଟ ଅତିଥି ଭାବେ ଇଂ. ବାବୁଚାନ୍ଦ ମହାଳିକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଇନ୍ଦୁମତୀ ଭାଟ ଯୋଗଦେଇଥିଲେ । ଉପସଭାପତି ପ୍ରକାଶ ଚନ୍ଦ୍ର ଜଗଦେବଙ୍କ ସଭାପତିତ୍ୱରେ କବି କାଳୀଚରଣ ତ୍ରିପାଠୀ ଓ କାହ୍ନୁଚରଣ ମୁଦୁଲିଙ୍କ ସଂଯୋଜନାରେ କବିତା ସ୍ରୋତସ୍ୱିନୀ କାର୍ଯ୍ୟକ୍ରମ ହୋଇଥିଲା । ସଂଗଠନ ସମ୍ପାଦକ ଅମୀର ଚନ୍ଦ୍ର ରାଉତ, ବରିଷ୍ଠ ସଦସ୍ୟ ଅଲେଖ ଚରଣ ସାହୁ, ସାମାଜିକ ସମ୍ପାଦକ ଧନଞ୍ଜୟ ଧଳ, ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ ଧଳ, ସହ ସମ୍ପାଦକ ଧ୍ରୁବ ଚରଣ ରାଉତ, ସଲୀଳା ରାଉତ, ଜାପାନୀ ଜଗଦେବ, ତପସ୍ୱିନୀ ଧଳଙ୍କ ପରିଚାଳନାରେ ପ୍ରତିଭା ଅନ୍ୱେଷା, ଗୃହଲକ୍ଷ୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ଫକୀର ମୋହନ ସାହୁ, ସଙ୍ଗଠନ ସମ୍ପାଦକ ଜୟକୃଷ୍ଣ ମହାପାତ୍ର, ସୂର୍ଯ୍ୟମଣି ପୃଷ୍ଟି, କୋଷାଧ୍ୟକ୍ଷ ବୀରବର ମିଶ୍ର, ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ଦାଶ, ଅନିରୁଦ୍ଧ ସାହୁ, ସୁଦର୍ଶନ ସେଠୀ, ଅକାରଣ ସାହୁ, ସ୍ୱଦେଶ ରଞ୍ଜନ ଧଳ, ପ୍ରଫୁଲ୍ଲ କୁମାର ସାହୁ, ମନୋଜ କୁମାର ସାହୁ, ଅଜିତ କୁମାର ମହାପାତ୍ର, ନବକିଶୋର ମଲ୍ଲିକ, ଦିଲୀପ କୁମାର ପଣ୍ଡା, ରମେଶ ଚନ୍ଦ୍ର ବେହେରା, ସରୋଜ କାନ୍ତ ପଣ୍ଡା, କୁନା ତ୍ରିପାଠୀ, ରମାକାନ୍ତ ସାହୁ ଓ ରଞ୍ଜିତ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ । ଆବାହକ ମନୋଜ କୁମାର ସାହୁ 'ମନ୍ମୟ' କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଯୁଗ୍ମ ସମ୍ପାଦକ ବାସୁଦେବ ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୋରନ୍ଦା ସର୍କଲ ପ୍ରାଥମିକ ଶିକ୍ଷକ ସଂଘର ବୈଠକ



**ଯୋରନ୍ଦା, ୧୬ ।୧(ସମିସ):** ଗଁଦିଆ ବ୍ଲକ ଯୋରନ୍ଦା ନୋଡାଲ ବିଦ୍ୟାଳୟରେ ନିଖିଳ ଉତ୍କଳ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ଯୋରନ୍ଦା ସର୍କଲର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି । ସଂଘ ସଭାପତି ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଜୟରାମ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ସଭ୍ୟମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସଭା ଆରମ୍ଭରେ ଦିବଂଗତ ସଭ୍ୟଙ୍କ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକଙ୍କୁ ସହାୟତା ନିମନ୍ତେ ବସନ୍ତ କୁମାର ପାତ୍ରଙ୍କୁ ସର୍ବସମ୍ମତିକ୍ରମେ ସହସମ୍ପାଦକ ଚୟନ କରାଯାଇଛି । ବୈଠକରେ ବରିଷ୍ଠ ସଭ୍ୟ ବିଷ୍ଣୁଚରଣ ଜେନା, ବିରଞ୍ଚି ନାରାୟଣ ଶତପଥୀ, ହରିହର ସାମଲ, ଗନ୍ଧର୍ବ ଚରଣ ଲେଙ୍କା, ବିଦ୍ୟାଧର ମହାପାତ୍ର, ଲକ୍ଷ୍ମୀଧର ବେହେରା, ସୁଧାକର ସାହୁ, ଦୁର୍ଯ୍ୟୋଧନ ସାହୁ, ନରୋତ୍ତମ ନାୟକ, କାମପାଳ ଶତପଥୀ, କୋଦଣ୍ଡଧର ପାତ୍ର, ରମେଶ ଚନ୍ଦ୍ର ସାହୁ, ଶରତ ପ୍ରଧାନ, ଦିଗନ୍ତ ଶତପଥୀ ଓ ନୀହାରବାଳା ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ୨୦୨୪ରେ ଦୁର୍ଘଟଣାରେ ଯାଇଛି ୧୬୮ ଜୀବନ

**ଅନୁଗୋଳ, ୧୬ ।୧(ସମିସ):**

ଗୁରୁବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ୨୦୨୪ରେ ଦୁର୍ଘଟଣାରେ ୧୬୮ଜଣଙ୍କ ମୃତ୍ୟୁ ହୋଇଥିବା ବୈଠକ ପ୍ରାରମ୍ଭରେ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଡିସେମ୍ବର ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ

- **ସରକାର ଦେଉନାହାନ୍ତି ଇଣ୍ଟରସେପ୍ଟର ଗାଡ଼ି**
- **ଦ୍ରୁତ ଚାଳକଙ୍କ ଉପରେ ହୋଇପାରୁନି କାର୍ଯ୍ୟାନୁଷ୍ଠାନ**

ପଦକ୍ଷେପ ଉପରେ ପରିବହନ ବିଭାଗ ପକ୍ଷରୁ କମିଟିକୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ, ଗତ ଡିସେମ୍ବରରେ ଜିଲ୍ଲାରେ ୧୯ ଦୁର୍ଘଟଣା ଘଟିଛି। ଏଥିରେ ୧୭ଜଣଙ୍କ ମୃତ୍ୟୁ ଓ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡ଼ିଚାଳନା ପାଇଁ ୧୨୦୧ ଜଣଙ୍କଠାରୁ ୧୨ ଲକ୍ଷ ୧ ହଜାର ଟଙ୍କା, ବିନା ସିଟ୍ ବେଲ୍ଟରେ ୪୮ଜଣଙ୍କଠାରୁ ୩୭ ହଜାର ଟଙ୍କା, ଦ୍ରୁତ ଗାଡ଼ି ଚାଳନା ପାଇଁ ୮୯୨ ଜଣଙ୍କଠାରୁ ୧୭ ଲକ୍ଷ ୮୪ ହଜାର ଟଙ୍କା, ମଦ୍ୟପାନ କରି ଗାଡ଼ିଚାଳନା ନିମନ୍ତେ ୧୧୫ ଜଣଙ୍କଠାରୁ ୪ ଲକ୍ଷ ୭୦ ହଜାର ଟଙ୍କା, ଅତ୍ୟଧିକ ମାଲପରିବହନ କରିଥିବା ୪୭ ମାମଲାରେ ୨୪ଲକ୍ଷ ୮୬ହଜାର ୨୮୪ ଟଙ୍କା, ମାଲବାହୀ ଗାଡ଼ିଗୁଡ଼ିକରେ ଯାତ୍ରୀ ସେବା ଅଭିଯୋଗରେ ୧୯ ମାମଲାରେ ୯୦ହଜାର ଟଙ୍କା, ଟ୍ରାଫିକ ନିୟମ ଅବମାନନା ଏବଂ ନୋ ପାର୍କିଂ ଜୋନରେ ପାର୍କିଂ ଅଭିଯୋଗରେ ୩୦୨ ମାମଲାରେ ୪୧ଲକ୍ଷ ୫୦୦ ଟଙ୍କା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ଅଭିଯୋଗରେ ୩୫ ମାମଲାରେ ୧ ଲକ୍ଷ ୭୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୪୬୭ ଜଣଙ୍କର ଲାଇସେନ୍ସ ନିଲମ୍ବନ କରାଯିବା ସହ ୨୯ ଗାଡ଼ି ଜବତ କରାଯାଇଛି। ସେହିପରି ଜିଲ୍ଲା ପୁଲିସ ଦ୍ୱାରା ଯାଞ୍ଚ ସମୟରେ ଦ୍ରୁତ ଗାଡ଼ି ଚାଳନା ପାଇଁ ୩ ଜଣଙ୍କଠାରୁ ୨ ହଜାର ୫୦୦ ଟଙ୍କା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ଅଭିଯୋଗରେ ୬୯ ମାମଲାରେ ୩ ଲକ୍ଷ ୪୫ ହଜାର ଟଙ୍କା, ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁଁ ୯୪୪ ଜଣଙ୍କଠାରୁ ୯ ଲକ୍ଷ ୪୪ ହଜାର ଟଙ୍କା, ବିନା ସିଟ୍‌ବେଲ୍ଟରେ ୯୫୪ ଜଣଙ୍କଠାରୁ ୯ ଲକ୍ଷ ୫୪ ହଜାର ଟଙ୍କା, ଟ୍ରାଫିକ ନିୟମ ଅବମାନନା ଏବଂ ନୋ ପାର୍କିଂ ଜୋନରେ ପାର୍କିଂ ଅଭିଯୋଗରେ ୧୩୬୩ ମାମଲାରେ ୨୨ଲକ୍ଷ ୪୧ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ମଦ୍ୟପାନ କରି ଗାଡ଼ିଚାଳନା ନିମନ୍ତେ ୩୪୦ ମାମଲା ରୁଜୁ କରାଯାଇଛି।




ପୁଲିସ ଓ ପରିବହନ ବିଭାଗ ଅଧିକାରୀ ଗାଡ଼ି ଯାଞ୍ଚ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଦୁର୍ଘଟଣା ରୋକିବା ନିମନ୍ତେ ଟ୍ରାଫିକ୍ ନିୟମ କଡ଼ାକଡ଼ି ପାଳନ ସହ ଆବଶ୍ୟକ ସ୍ଥଳେ ରାସ୍ତା ମରାମତି କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିସେମ୍ବରରେ ୫୫ ନମ୍ବର ଜାତୀୟ ରାଜପଥର ନୂଆହତାଠାରେ ଜାତୀୟ ରାଜପଥର ତ୍ରୁଟି ପାଇଁ ମୃତ୍ୟୁବରଣ କରିଥିବା ଜଣେ ବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ଜାତୀୟ ରାଜପଥ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଖଣିଖାଦାନ ଭରା ତାଳଚେର ଉପଖଣ୍ଡକୁ ଇଣ୍ଟରସେପ୍ଟର ଗାଡ଼ି ଯୋଗାଇ ଦିଆଯାଉ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳରେ ଦ୍ରୁତ ଗାଡ଼ି ଚାଳକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ ବୋଲି ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କୁହାଯାଇଥିଲା। ଏ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ସଂଗ୍ରାମ ଦାସ, ବସ ମାଲିକ ସଙ୍ଘ ସଭାପତି ମାନସ ସାମଲଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ମା' କୋକେଇରେ କାନ୍ଧ ଦେବାରୁ ପୁଅକୁ ନିସ୍ତୁକ ମାଡ଼

- **ନ୍ୟାୟପାଇଁ ପରିବାର ଥାନା ଦ୍ୱାରସ୍ଥ**

**ଢେଙ୍କାନାଳ, ୧୬ ।୧(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା କାବେରା ପଞ୍ଚାୟତ ମାଧପୁର ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ପରେ ତାଙ୍କ ବଡ଼ପୁଅ କୋକେଇରେ କାନ୍ଧ ଦେବାକୁ ଯିବାରୁ ସାନଭାଇ ଓ ପୁତୁରାମାନେ ମିଳିତ ହୋଇ ତାଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ଫଳରେ ବ୍ୟକ୍ତି ଜଣକ ଲହୁଲୁହାଣ ହୋଇ ଚିକିତ୍ସିତ ହେଉଛନ୍ତି। ନ୍ୟାୟ ପାଇଁ ତାଙ୍କ ପତ୍ନୀ ଥାନା ଦ୍ୱାରସ୍ଥ ହୋଇଛନ୍ତି।

ମାଧପୁର ଗ୍ରାମର ଗୁଣବତୀ ପୃଷ୍ଟି (୭୦)ଙ୍କ ଅଭିଯୋଗ ଅନୁସାରେ ତାଙ୍କ ଶାଶୂ ସାଧବାଣୀ ପୃଷ୍ଟି ତାଙ୍କ ନିକଟରେ ଦୀର୍ଘ ୫୨ ବର୍ଷ ଧରି ରହିଆସୁଥିଲେ। ତାଙ୍କ ସାନ ଦିଅର ବନମାଳୀ ପୃଷ୍ଟିଙ୍କ ନିକଟରେ ଶାଶୂଙ୍କୁ ଛାଡ଼ି ଅନ୍ୟ ଜଣେ ଭାଇ ଲକ୍ଷ୍ମୀଧର ପୃଷ୍ଟି କେନ୍ଦୁଝରରେ ରହିଆସୁଛନ୍ତି। ଗତ ୭ ତାରିଖ ଶାଶୂଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବଡ଼ପୁଅ ବଂଶୀଧର ପୃଷ୍ଟି ଗ୍ରାମକୁ ଆସି କୋକେଇରେ କାନ୍ଧ ଦେବାକୁ ଶ୍ମଶାନ ନିକଟକୁ ଯାଇଥିଲେ। ସେଠାରେ ୨ଭାଇ ଓ ପୁତୁରାଙ୍କ ସହ ବଂଶୀଧରଙ୍କ କଳହ ହୋଇଥିଲା। ଏହାକୁ ନେଇ ତାଙ୍କ ପୁତୁରା ଆଶିଷ ପୃଷ୍ଟି ଓ ତାଙ୍କ ବାପା ଲକ୍ଷ୍ମୀଧର ପୃଷ୍ଟି ବଂଶୀଧରଙ୍କୁ ଗାଳିଗୁଲଜ କରିବା ସହିତ ଧକ୍କା ମାରିଥିଲେ। ଫଳରେ ସେ ତଳେ ପଡ଼ିଯାଇ ଚେତାଶୂନ୍ୟ ହୋଇଯାଇଥିଲେ। ଆଶିଷ, ଲକ୍ଷ୍ମୀଧର, ବନମାଳୀ ପୃଷ୍ଟି ଏବଂ ତାଙ୍କ ପୁଅ ଅମ୍ରିତ ପୃଷ୍ଟି ଗୁଣବତୀଙ୍କୁ ଧମକଚମକ ଦେବା ସହ ଜୀବନରେ ମାରିଦେବାକୁ କହିଥିଲେ। ଗୁଣବତୀ ତାଙ୍କ ସ୍ୱାମୀ ବଂଶୀଧରଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ନାଟିମା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।



ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଡାକ୍ତରଙ୍କ କହିବା ଅନୁସାରେ ତାଙ୍କର ବ୍ରେନ ହାମରେଜ ହୋଇଛି। ଏ ନେଇ ଗୁଣବତୀ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ନ୍ୟାୟ ଦାବି କରିଛନ୍ତି।

# ଦୋକାନ ଗୃହ ଭାଙ୍ଗିଲେ ହାତୀପଲ

**ତାଳଚେରସଦର, ୧୬ ।୧(ସମିସ):** ତାଳଚେର ବ୍ଲକ କଙ୍କିଳି ପଞ୍ଚାୟତ ହରିହରପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ହାତୀପଲ ପଶି ଜ୍ୟୋତିରଞ୍ଜନ ମିଶ୍ର (୬୧)ଙ୍କ ଦୋକାନ ଘର ଭାଙ୍ଗିଦେଇଛନ୍ତି। ଏଥିସହ ବାଡ଼ିରେ ଲାଗିଥିବା ପନିପରିବା ନଷ୍ଟ କରିଥିବା ସେ ଅଭିଯୋଗ କରିଛନ୍ତି। ଖାଦ୍ୟ ଅନ୍ୱେଷଣରେ ହାତୀପଲ ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗ ବ୍ଲକ ଖାଲପାଳ ଗ୍ରାମ ବ୍ରାହ୍ମଣୀ ନଦୀପାର ହୋଇ ବାରମ୍ବାର ତାଳଚେର ବ୍ଲକର କଙ୍କିଳି, ଧରମପୁର, ସନ୍ଥପଡ଼ା, ଗୁରୁଜାଙ୍ଗୁଲି ପଞ୍ଚାୟତକୁ ପଶିଆସି ଉପଦ୍ରବ କରିବା ସହ ଧାନ, ପନିପରିବା ନଷ୍ଟ କରୁଛନ୍ତି। ଘରଦ୍ୱାର ଭାଙ୍ଗୁଛନ୍ତି। ତାଳଚେର ରେଞ୍ଜର ଘଟଣାସ୍ଥଳରେ ପହଞ୍ଚି ହାତୀଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରୁଛନ୍ତି।

## ଥାନା ନିକଟରୁ ମୋଟରସାଇକଲ ଚୋରି

**ଛେଣ୍ଡିପଦା, ୧୬ ।୧(ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ନିକଟ ଏକ ଦୋକାନ ସମ୍ମୁଖରୁ ମୋଟରସାଇକଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶିମିଳିପାଳ ପଞ୍ଚାୟତ ବରନାଳି ଗ୍ରାମର ଅରବିନ୍ଦ ବେହେରା ବାଗଡ଼ିଆ ବଜାରକୁ ସଉଦା କିଣିବାକୁ ଆସି ଥାନା ନିକଟ ଏକ ତେଜରାତି ଦୋକାନ ସମ୍ମୁଖରେ ତାଙ୍କ ବାଇକ୍ ରଖି ସଉଦା କିଣିଥିଲେ। ଫେରିଲା ବେଳକୁ ଗାଡ଼ି ନ ଥିବା ଦେଖିବାକୁ ପାଇଥିଲେ। ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ ଜଣେ କଳା ପୋଷାକ ପିନ୍ଧିଥିବା ଯୁବକ ଗାଡ଼ି ଚୋରିକରି ନେଉଥିବା ଦେଖିବାକୁ ମିଳିଥିଲା। ଏ ନେଇ ଅରବିନ୍ଦ ବାଗଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ବାଗଡ଼ିଆଠାରୁ ନୂଆଁଗା ପର୍ଯ୍ୟନ୍ତ ଲଗାଯାଇଥିବା ସିସିଟିଭି ମଧ୍ୟରୁ କିଛି ମାସ ପୂର୍ବରୁ ୪ଟି ଚୋରି ହୋଇଥିଲା। ଏହି ଚୋରି ନେଇ ପୁଲିସ ମଧ୍ୟ ନିରବ ରହିଛି। ବାଇକ୍ ଚୋରିର ପର୍ଦ୍ଦାଫାସ କରିବାକୁ ଲୋକେ ଦାବି କରିଛନ୍ତି।

- **ନାହିଁ ନାହିଁରେ ଚାଲିଛି ଅନୁଗୋଳ ମେଡିକାଲ ଜନୌଷଧି ଷ୍ଟୋର**

# ମିଳୁନି ସାଧାରଣ ଔଷଧ, ଗରିବ ରୋଗୀ ହନ୍ତସନ୍ତ

**ଅନୁଗୋଳ, ୧୬ ।୧(ସମିସ):** ଅନୁଗୋଳ ମେଡିକାଲରେ ଜନୌଷଧି ଥାଇ ବି ନ ଥିଲା ଭଳି ଅବସ୍ଥା। ଲୋକଙ୍କୁ ସୁଲଭ ମୂଲ୍ୟରେ ଔଷଧ ଯୋଗାଇବାକୁ ଏହାର ପ୍ରତିଷ୍ଠା ହୋଇଥିଲେ ବି ଏବେ ନାମକୁମାତ୍ର ରହିଯାଇଛି। ଆବଶ୍ୟକ ମୁତାବକ ଔଷଧ ଉପଲବ୍ଧ ନ ଥିବାରୁ ଲୋକେ ଜନୌଷଧି ପାଇଁ ଆସି ଫେରି ଯାଉଛନ୍ତି। ଆଉ ବାହାରୁ ୧୦ଗୁଣ ଅଧିକ ଟଙ୍କା ଦେଇ ସମାନ ଔଷଧ କିଣୁଛନ୍ତି। ରୋଗୀମାନେ ଅଭିଯୋଗ କରିଛନ୍ତି ଯେ ଅନୁଗୋଳ ମେଡିକାଲ ପରିସରରେ ଥିବା ଜନୌଷଧି କେନ୍ଦ୍ରରେ ଅଧିକାଂଶ ଔଷଧ ଉପଲବ୍ଧ ନାହିଁ। ଅଧିକାଂଶ ସମୟରେ ଏଠାରେ ସାଧାରଣ ଥଣ୍ଡା, ଜ୍ୱର ଔଷଧ ମଧ୍ୟ ମିଳୁନାହିଁ। ଏଣୁ ଧୀରେ ଧୀରେ ଏହା ଲୋକଙ୍କ ଆସ୍ଥା ହରାଇବାରେ ଲାଗିଲାଣି। ଯେଉଁ ଷ୍ଟୋରରେ ମାସିକ ପ୍ରାୟ ୮ ଲକ୍ଷ ଟଙ୍କାର ଔଷଧ ବିକ୍ରି ହେଉଥିଲା, ସେଠି ଏବେ ଲକ୍ଷେ ଟଙ୍କାର ମଧ ବେପାର ହେଉ ନାହିଁ। କିଛି ଅଧିକାରୀଙ୍କ ମନମାନି ଯୋଗୁଁ ଏହି ଷ୍ଟୋରରେ ଆଉ ଆଗଭଳି କାରବାର ହେଉନାହିଁ। ତେବେ ପ୍ରକୃତ କଥା ହେଉଛି, ଜନୌଷଧି ଆଣିବା ପାଇଁ ମେଡିକାଲ ଅଫିସରଙ୍କଠାରୁ ଏଡିଏମ୍‌ଓ, ସିଡିଏମ୍‌ଓ, ରେଡ୍‌କ୍ରସ ସେକ୍ରେଟାରୀ, ଏଡିଏମ ଏବଂ ଶେଷରେ ଜିଲ୍ଲା କାର୍ଯ୍ୟାଳୟକୁ ଫାଇଲ ନେବାକୁ ପଡୁଛି। ଏକାଧିକ ଅଧିକାରୀ ଦେଇ ଫାଇଲ ଗଲାବେଳେ ସବୁ ଟେବୁଲରେ ଫାଇଲ ପଡ଼ିରହୁଛି। ଫଳରେ ଔଷଧ ଠିକଣା ସମୟରେ ଆସି ପାରୁନାହିଁ କି ଔଷଧ ଯୋଗାଉଥିବା ଏଜେନ୍ସିକୁ ପେମେଣ୍ଟ ହୋଇପାରୁନାହିଁ। ଏଣୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଉଚ୍ଚ ପଦସ୍ଥ ଅଧିକାରୀ ଜନୌଷଧିର ଉତ୍ତମ ପରିଚାଳନା ଉପରେ ଗୁରୁତ୍ୱ ଦେଲେ ଗରିବ ରୋଗୀ ଉପକୃତ ହୁଅନ୍ତେ ବୋଲି ହସ୍ପିଟାଲକୁ ଆସିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି।




## ଜଙ୍ଗଲରୁ ମୃତଦେହ ଉଦ୍ଧାର

**ଛେଣ୍ଡିପଦା, ୧୬ ।୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା କୋଶଳା ସଂରକ୍ଷିତ ଜଙ୍ଗଲ ତାରିଣୀ ମନ୍ଦିର ନିକଟରୁ ନିଖୋଜ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କୋଶଳା ଗ୍ରାମର ପ୍ରଦ୍ୟୁମ୍ନ କୁମାର ରାଉଳ (୫୨)। ୨ ଦିନ ତଳେ ପ୍ରଦ୍ୟୁମ୍ନ ନିଖୋଜ ହୋଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ତାରିଣୀ ମନ୍ଦିର ନିକଟରେ ତାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରୁ ଏହା ବିଷକ୍ରିୟା ଜନିତ ମୃତ୍ୟୁ ବୋଲି ପୁଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି।

## ମହିଳା ଖଣି କର୍ମଚାରୀଙ୍କୁ ଦୁର୍ବ୍ୟବହାର

**ତାଳଚେରସଦର, ୧୬ ।୧(ସମିସ):** ହିଙ୍ଗୁଳା କୋଇଲା ଖଣି ମହାପ୍ରବନ୍ଧକ କାର୍ଯ୍ୟାଳୟର ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରି ହରଡ଼ଘଣାରେ ପଡ଼ିଛନ୍ତି ଜଣେ ଯୁବକ। ଏ ସମ୍ପର୍କରେ ସମ୍ପୃକ୍ତ ମହିଳା କର୍ମଚାରୀ ବିକ୍ରମପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଖୋଜୁଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ୧୩ ତାରିଖ ମଧ୍ୟାହ୍ନରେ ବଳଣ୍ଡା ଅଞ୍ଚଳର ଚିତ୍ରସେନ ପ୍ରଧାନ ଖଣି କାର୍ଯ୍ୟାଳୟରେ ପ୍ରବେଶକରି ସେଠାରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ବ୍ୟକ୍ତିଗତ କାଗଜପତ୍ର ମାଗିଥିଲେ। ମହିଳା କର୍ମଚାରୀ ଜଣକ ତାହା ଦେବାକୁ ମନା କରିଦେବାରୁ ଚିତ୍ରସେନ ତାଙ୍କୁ ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।




# ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ସ୍ଥାୟୀ ନିଯୁକ୍ତିରେ ପାତରଅନ୍ତର ଅଭିଯୋଗ

**ଅନୁଗୋଳ, ୧୬ ।୧(ସମିସ):**

ଅନୁଗୋଳ ଜିଲ୍ଲାରେ ୨୦୧୮ ମାର୍ଚ୍ଚ ମାସରେ ୧୭୮ ଜଣ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ସ୍କୁଲରେ ନିଯୁକ୍ତି ଦିଆଯାଇଥିଲା। ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ଏହି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ୬ ବର୍ଷ ପୂରିଥିଲେ ମଧ ୧୪୨ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇ ଅବଶିଷ୍ଟ ୩୬ ଜଣଙ୍କୁ ଅସ୍ଥାୟୀ ଭାବରେ କାର୍ଯ୍ୟ କରାଯାଉଛି। ରାଜ୍ୟ ସରକାରଙ୍କ ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ରିଜୋଲ୍ୟୁସନ୍ ନଂ ୨୫୬୦୫ର ଗତ ୨୧ ଡିସେମ୍ବର ୨୦୧୬ ଏବଂ ୨୩୩୨୨ର ୨୦୧୭ ନଭେମ୍ବର ୩ ବଳରେ ଅନୁଗୋଳ ଜିଲ୍ଲା ପରିଷଦ ୨୦୧୮ ମାର୍ଚ୍ଚରେ ୧୭୮ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦେଇଥିଲା। ନିଯୁକ୍ତି ପାଇଥିବା ଏହି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ୨୦୨୪ ମାର୍ଚ୍ଚରେ ୬ ବର୍ଷ ପୂରିଥିଲା। ସରକାରଙ୍କ ନିୟମ ଅନୁଯାୟୀ ଗତ ମାର୍ଚ୍ଚ ମାସରେ ସ୍ଥାୟୀ ହେବା ବ୍ୟବସ୍ଥା ଥିଲେ ସୁଦ୍ଧା ବିଭାଗୀୟ ଅବହେଳା ଯୋଗୁଁ ୩୬ ଜଣଙ୍କ ସ୍ଥାୟୀ ହୋଇପାରିନାହିଁ। ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ଶିକ୍ଷାନୁଷ୍ଠାନରୁ ଶିକ୍ଷାଲାଭ କରି ପ୍ରମାଣପତ୍ର ପାଇଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସ୍ଥାୟୀ କରାଯାଇଥିବା ବେଳେ ରାଜ୍ୟ ବାହାର ଶିକ୍ଷା ଅନୁଷ୍ଠାନରୁ ପାସ୍ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସ୍ଥାୟୀ କରାଯାଇନାହିଁ। ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ

- **୬ ବର୍ଷ ପରେ ୧୪୨ ଜଣ ସ୍ଥାୟୀ, ୩୬ ଜଣ ଅସ୍ଥାୟୀ ଅଛନ୍ତି**
- **ବିଭାଗୀୟ ଅବହେଳା, ଶିକ୍ଷା ପ୍ରମାଣପତ୍ର ଯାଞ୍ଚ ହୋଇନି**

ସଠିକ୍ ଭାବେ କରାଯାଉ ନ ଥିବାରୁ ଏହି ୩୬ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଭାଗ୍ୟ ସୂତାଖିଅରେ ଝୁଲୁଛି। ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନର ରହିଥିବା ନିଜସ୍ୱ ବିଧି ବ୍ୟବସ୍ଥାରେ ଯାଞ୍ଚ ପ୍ରକ୍ରିୟା ହୋଇନାହିଁ। ଫଳରେ ସାଧାରଣ ଭାବେ ପଠାଯାଇଥିବା ଚିଠିପତ୍ର ଓ ଇ-ମେଲ୍‌ର କୌଣସି ଉତ୍ତର ଶିକ୍ଷା ବିଭାଗ ପାଇପାରିନାହିଁ। ଅପରପକ୍ଷରେ ଶିକ୍ଷା ବିଭାଗ ପକ୍ଷରୁ ଏହି ୩୬ ଜଣଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ କରାଯିବା ନେଇ କୌଣସି ତତ୍ପରତା ଥିବା ଜଣାପଡୁନାହିଁ। ରାଜ୍ୟ ସ୍କୁଲ୍ ଓ ଗଣଶିକ୍ଷା ବିଭାଗରେ ଜାଲ୍ ପ୍ରମାଣପତ୍ର ଦେଇ ଶିକ୍ଷକ ନିଯୁକ୍ତି ପାଇଥିବା ଏବଂ ପରବର୍ତ୍ତୀ ସମୟରେ ଯାଞ୍ଚ ସମୟରେ ଧରାପଡ଼ିଥିବାରୁ ଯାଞ୍ଚ ପ୍ରକ୍ରିୟା ତୁରନ୍ତ ସାରିବାକୁ ଦାବି ହେଉଛି। ସରକାରୀ ସ୍ତରରେ ସଠିକ୍ ସମୟରେ କମିଟି ମାଧ୍ୟମରେ ଦରକାର ପଡ଼ିଲେ ସ୍ୱତନ୍ତ୍ର ପ୍ରତିନିଧି ପଠାଯାଇ ଯାଞ୍ଚ କରି ତୁରନ୍ତ ସ୍ଥାୟୀ ନିଯୁକ୍ତି ଦେବାକୁ ଦୃଢ଼ ଦାବି ହେଉଛି। ଏହି ୩୬ ଜଣଙ୍କର ତୁରନ୍ତ ସ୍ଥାୟୀ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ହେବା ସହ ସେମାନେ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି କହିଛନ୍ତି।

## ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

**ବଇଣ୍ଡା, ୧୬ ।୧(ସମିସ):** ବଇଣ୍ଡା ଜନତା ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଅନୁପମା ସାହୁ, ସମ୍ମାନିତ ଅତିଥି ଭାବେ ରସାୟନ ବିଭାଗ ମୁଖ୍ୟ ଅସିତ କୁମାର ଜେନା ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଦର୍ଶନ ବିଭାଗ ମୁଖ୍ୟ ନିରଞ୍ଜନ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସୁମିତ୍ରା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।






# ସିଙ୍ଘେରାଣୀ ଓ ରୁଙ୍ଗ୍‌ଟା ଯୋଗୁଁ ନଷ୍ଟ ହେଲାଣି ଜଙ୍ଗଲ

**ଛେଣ୍ଡିପଦା,୧୬ ।୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ଅଞ୍ଚଳରେ ହେବାକୁ ଯାଉଛି କୋଇଲାଖଣି । ଏଥିପାଇଁ କଟାଗଲାଣି ଦୀର୍ଘଦିନରୁ ଲଗାଯାଇଥିବା ହଜାର ହଜାର ଶାଳଗଛ ସହ ଅନ୍ୟାନ୍ୟ



ଗଛ । ଏଥିପାଇଁ ହାତୀପଲ ଏବେ ଗାଁମୁହାଁ । ଫଳରେ ହାତୀ ମଣିଷ ଉଭୟ ବିପଦରେ । କିନ୍ତୁ ଅନୁଗୋଳ ଜିଲ୍ଲାପାଳ, ବନାଞ୍ଚଳ ଅଧିକାରୀ, ସ୍ଥାନୀୟ ବିଧାୟକ ଓ ସାଂସଦ ସାଜିଛନ୍ତି ନିରବଦ୍ରଷ୍ଟା । ଜନସାଧାରଣ ଶୋଷିତ ହେଉଥିବା ବେଳେ ତାଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ଏମାନେ କାହିଁକି ଚୁପ୍ ବସିଛନ୍ତି ତାକୁ ନେଇ ଉଠିଛି ପ୍ରଶ୍ନବାଚୀ । ଛେଣ୍ଡିପଦା ଅଞ୍ଚଳର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକଙ୍କ କହିବା ଅନୁଯାୟୀ, ଗୋଟିଏ ହାତୀ ଅତି କମରେ ଦିନକୁ ୨୦ କିଲୋମିଟର ଚାଲେ । ଏହା ହେଉଛି ହାତୀଙ୍କ ସ୍ୱାଭାବିକ ଅଭ୍ୟାସ । କିନ୍ତୁ ହାତୀମାନଙ୍କ ରହିବା ଓ ଚଲାବୁଲା ଜାଗାଗୁଡ଼ିକ ଏବେ କଳକାରଖାନା ତିଆରି କରିବା ପାଇଁ ନଷ୍ଟ କରିଦିଆଗଲା । ଏହା ପଛରେ ଲୁଚି ରହିଛି ଦୁର୍ନୀତିଗ୍ରସ୍ତ ବନବିଭାଗ ଅଧିକାରୀ ଓ ଭ୍ରଷ୍ଟ ରାଜନେତା ଓ କଳକାରଖାନାର ମାଲିକମାନଙ୍କ ଚକ୍ରାନ୍ତ । ଯେନତେନ ଉପାୟରେ ଜଙ୍ଗଲ ଜମି ହାତେଇ କଳକାରଖାନା ନିର୍ମାଣ କରାଇ ଭ୍ରଷ୍ଟ ନେତାମାନେ ଅଜସ୍ର ଟଙ୍କା ରୋଜଗାର କରୁଛନ୍ତି । ବନବିଭାଗ ଅଧିକାରୀ ଓ ନେତାମନ୍ତ୍ରୀମାନଙ୍କ ଏହି କାରନାମା ପାଇଁ ହାତୀମାନେ ନିଜକୁ ଅସୁରକ୍ଷିତ ମନେକରି ଅଜାଣତରେ ଗାଁ ଭିତରକୁ ପଶି ଧାନଜୀବନ ନଷ୍ଟ କରୁଛନ୍ତି । ସେମାନଙ୍କୁ ମୁକାବିଲା କରି ଲୋକେ ମଧ ମରୁଛନ୍ତି । କୋଇଲା ଖଣି ଓ କଳକାରଖାନା ପାଇଁ ଆଜିକାଲି ଛେଣ୍ଡିପଦା ଓ ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳୁଛି ହାତୀ-ମନୁଷ୍ୟ ଲଢ଼େଇ । ଛେଣ୍ଡିପଦା ବ୍ଲକ୍ ଓ

**ହାତୀପଲ ଏବେ ଗାଁମୁହାଁ**

ଆଖପାଖ ଅଞ୍ଚଳରେ ପ୍ରତ୍ୟେକ ଦିନ କେହି ନା କେହି ମଣିଷର ମୃତ୍ୟୁ ହେଉଛି । ଏଥିପାଇଁ ଦାୟୀ କେବଳ ଛେଣ୍ଡିପଦା ଅଞ୍ଚଳରେ ଗଢ଼ି ଉଠିବାକୁ ଥିବା କୋଇଲା ଖଣି ଓ କଳକାରଖାନା ।

ଲୋଚକେ ନିଜ ଫସଲ ଚିନ୍ତା ଛାଡ଼ି କିଭଳି ନିଜ ଜୀବନ ବଞ୍ଚିବ ସେ ଦିଗରେ ଅଧିକ ଚିନ୍ତା କରିବାକୁ ବାଧ ହେଉଛନ୍ତି । ହାତୀପଲ ଯଦି ଏଭଳି ଜଙ୍ଗଲ ଛାଡ଼ି ଗାଁରେ ଆସି ବୁଲିବେ ତେବେ ଲୋକେ ଚାଷରୁ ବଞ୍ଚିତ ହେବେ ତ ଖାଇବେ କ'ଣ ଓ ଘର ଆସି ଭାଙ୍ଗିବ ତ ରହିବେ କେମିତି, ବର୍ତ୍ତମାନ ସମୟରେ ଏହା ହେଉଛି ବଡ଼ ପ୍ରଶ୍ନବାଚୀ । ଦେଖିବାକୁ ବାକି ରହିଲା, ସ୍ଥାନୀୟ ନେତୃବୃନ୍ଦ ହାତୀ କବଳରୁ ଲୋକଙ୍କୁ ରକ୍ଷା କରିବେ ନା କମ୍ପାନୀ ପାଇଁ ଆଗକୁ ହଜାର ହଜାର ଗଛ ନଷ୍ଟ କରିବେ ।

## ବେଆଇନ୍ ବିସ୍ଥାପନର ଫଳ

# ନିର୍ଧୁମ୍ ଛେଚା ଖାଇଲେ ବନପାଳ

**ଅନୁଗୋଳ,୧୬ ।୧(ସମିସ)**

ଅନୁଗୋଳ ବ୍ଲକ ଅନ୍ତର୍ଗତ ସାତକୋଶିଆ ଅଭୟାରଣ୍ୟର ଭୂର୍କୁଣ୍ଡି ଜଙ୍ଗଲ ଗ୍ରାମକୁ ବନ ବିଭାଗ ତଞ୍ଚକତାପୂର୍ଣ୍ଣ ବିସ୍ଥାପନ କରିବାରେ ସଫଳ ହୋଇଛି । ଗ୍ରାମବାସୀଙ୍କୁ ବିଭାଜନ ନୀତିରେ ବିଭାଜିତ କରି ଗ୍ରାମସଭାରେ ଆଲୋଚନା ନ କରି ଏକପ୍ରକାର ଜୋରଜବରଦସ୍ତ ବାସଚ୍ୟୁତ କରାଯାଇଛି । ବନ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା କେତେଜଣ ଅସ୍ଥାୟୀ ୱାଚର୍‌ଙ୍କ ଅନ୍ୟ ଗ୍ରାମରେ ଘରଦ୍ୱାର ଥିବା ବେଳେ ସେମାନଙ୍କୁ ହାତ କରି ବାସଚ୍ୟୁତ କରାଯାଇଥିବା ଅଭିଯୋଗ ହୋଇଛି । ପର୍ଯ୍ୟାୟକ୍ରମେ ଗ୍ରାମବାସୀଙ୍କୁ ବିସ୍ଥାପନ ପ୍ୟାକେଜ୍ ଦିଆଯାଇଛି । ଏପରିକି କୌଣସି ସୁବିଧା ପାଇ ନ ଥିବା ୧୫ ପରିବାର ଗ୍ରାମରୁ ଯାଇ ନ ଥିବା ବେଳେ ସେମାନଙ୍କୁ କୌଶଳ କରି ତଡ଼ି ଦିଆଯାଇଛି । ସ୍ଥାନୀୟ ବନପାଳ ୧୦ ଦିନ ମଧ୍ୟରେ ପ୍ୟାକେଜ୍ ଟଙ୍କା ପାସ୍‌ବହିକୁ ଆସିଯିବ କହି ଗାଁରୁ ବାସଚ୍ୟୁତ କରିଛନ୍ତି । ଏହି ପରିବାର ନରସିଂହପୁର ଅଞ୍ଚଳରେ ଜରିପାଲ ତଳେ ଅସ୍ଥାୟୀ ଘରେ ପ୍ରାୟ ୧ ମାସ ହେଲା ରହିଥିବା ସତ୍ତ୍ୱେ ପାସବହିକୁ ଟଙ୍କା ଆସି ନ ଥିବା ନେଇ ଅସନ୍ତୁଷ୍ଟ ଥିଲେ । ପ୍ରବଳ ଶୀତକାକରରେ ରହିବା ପରେ ଅତିଷ୍ଠ ହୋଇ ବନପାଳଙ୍କୁ ପ୍ୟାକେଜ୍ ଟଙ୍କା ସମ୍ପର୍କରେ ଜଣାଇଥିଲେ । ଏପରିକି କିଣିବା ପାଇଁ ସ୍ଥିର କରିଥିବା ଜମି କିଣିବାରେ ବିଫଳ ହେବା ପରେ ଗ୍ରାମବାସୀ ବନ ବିଭାଗର ଚାଲ୍ ବୁଝିପାରିଥିଲେ । ଗ୍ରାମ ବିସ୍ଥାପନରେ ବାସଚ୍ୟୁତ ଗ୍ରାମବାସୀ



କ୍ଷୁବ୍ଧ ହୋଇ ଭୂର୍କୁଣ୍ଡି ପୂର୍ବ ଗ୍ରାମକୁ ଆସି ବନପାଳଙ୍କୁ ପ୍ୟାକେଜ୍ ଟଙ୍କା ସମ୍ପର୍କରେ ପଚାରିଥିଲେ । ଆମକୁ ମିଛସତ କହି ଜୋରଜବରଦସ୍ତ ଗ୍ରାମରୁ ବାସଚ୍ୟୁତ କରିଥିବା କହି ଭୂର୍କୁଣ୍ଡି ବନପାଳଙ୍କୁ ନିର୍ଧୁମ୍ ଛେଚିଥିଲେ । ଥାନା କଚେରୀ ଗଲେ ପରିସ୍ଥିତି ସାଙ୍ଘାତିକ ହେବ ବୋଲି ମଧ ଧମକ ଦେଇ ଆସିଲେ । ଏହି ଘଟଣା ସମ୍ପର୍କରେ ବନପାଳ ପୁରୁଣାକୋଟ ରେଞ୍ଜର୍ ଏବଂ ବନଖଣ୍ଡ ଅଧିକାରୀଙ୍କୁ ଜଣାଇଥିଲେ ମଧ ଅଧିକାରୀ ଚୁପ୍ ରହିବା ନେଇ କ୍ଷେତ୍ର କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବେଆଇନ୍ ଭାବେ ବିସ୍ଥାପନ କରୁଥିବାରୁ କୋର୍ଟ କଚେରୀରେ ନିଜକୁ ଦୋଷମୁକ୍ତ ରଖିବା

■ ଥାନାରେ ଅଭିଯୋଗ କଲେନାହିଁ
■ ଅଧିକାରୀ ଜାଣି ନ ଜାଣିଲା ପରି

ପାଇଁ ଏକ ଚାଲ୍ କରୁଥିବା ଆଲୋଚନା ହେଉଛି । ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ପାଇଁ ସ୍ୱଇଚ୍ଛାରେ ସମୂହ ଗ୍ରାମବାସୀଙ୍କ ମତାମତ ଗ୍ରାମସଭାରେ ନିଆଯିବା ଆଇନଗତ ବ୍ୟବସ୍ଥା ରହିଛି । ମାତ୍ର ସାତକୋଶିଆ ବନଖଣ୍ଡ ପକ୍ଷରୁ ଗ୍ରାମସଭାରେ କୌଣସି ଗ୍ରାମବାସୀଙ୍କ ମତାମତ ନିଆ ନ ଯାଇ ଭୂର୍କୁଣ୍ଡି ଜଙ୍ଗଲ ଗ୍ରାମକୁ ବିସ୍ଥାପନ କରାଯାଇଛି । ଅନ୍ୟପକ୍ଷରେ ଗ୍ରାମ ବିସ୍ଥାପନରେ ବିସ୍ଥାପିତ ପରିବାର ଥଇଥାନ ଓ ପୁନର୍ବସତି ହେବା ପରେ ଗାଁ ଛାଡ଼ିବା ବ୍ୟବସ୍ଥା ଥିଲେ ମଧ ବନ ବିଭାଗ ଜରିପାଲ ତଳେ ରହିବା ପରେ ପ୍ୟାକେଜ୍ ଟଙ୍କା ଆସିବ ବୋଲି ପ୍ରତିଶ୍ରୁତି ଦେଉଛି । ସରଳ ଗ୍ରାମବାସୀଙ୍କ ପ୍ରତି ଏପରି ଅନ୍ୟାୟ ଅତ୍ୟାଚର କରୁଥିବାରୁ ସାତକୋଶିଆ ଅଭୟାରଣ୍ୟ ଓ ପ୍ରଜା ସୁରକ୍ଷା ସମିତି ସଭାପତି ନବକିଶୋର ବିଶୋଇ କ୍ଷୋଭ ପ୍ରକାଶ କରିଛନ୍ତି ।

# ଜାମୁନାଳି ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ



**କୁଇଓ,୧୬ ।୧(ସମିସ):** ଜାମୁନାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ପ୍ରଧାନଶିକ୍ଷୟିତ୍ରୀ ମମତାରାଣୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ସାମଲ, ମୁଖ୍ୟବକ୍ତା ଭାବେ ପୂର୍ବତନ ଶିକ୍ଷକ ଯୁଧିଷ୍ଠିର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଶିଳା ଦେହୁରୀ, ପରିଚାଳନା କମିଟି ସଭାପତି କିଶୋରୀ ଗଡ଼ନାୟକ, ସୁବର୍ଣ୍ଣ ଦେହୁରୀ, ବିଭୂତି ଭୂଷଣ ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ସସ୍ମିତା ସାହୁ, ପ୍ରଜ୍ଞାନୀ ପ୍ରଧାନ, ସୁସ୍ମିତା ପ୍ରିୟଦର୍ଶିନୀ, ସିଆରସିସି ଅନିଲ୍ କୁମାର ନାଗେ, ଶିକ୍ଷକ ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ

**ଅନୁଗୋଳ,୧୬ ।୧(ସମିସ):** ଅନୁଗୋଳ ଜିଲ୍ଲା ତୁବେ ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି କୁମାର ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଦିଲୀପ ପ୍ରଧାନ, ଅନୁଗୋଳର ଆଡିସନାଲ ତହସିଲଦାର ପ୍ରଶାନ୍ତ ସିଂହ, ବଁଅରପାଳ ବ୍ଲକ ଉପାଧକ୍ଷା ବନିତା ସାହୁ, ତୁବେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସାହୁ, ତୁବେ ସରପଞ୍ଚ ଅନିଲ ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ସୁରେନ୍ଦ୍ର ମହାନ୍ତି, ତୁବେ ସେବା ସମବାୟ ସମିତି ସଭାପତି ସତ୍ୟଜିତ୍ ପ୍ରଧାନ ଯୋଗଦେଇଥିଲେ । ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟଜିତ୍ ପ୍ରଧାନଙ୍କ ଦ୍ୱାରା ଲିଖିତ ପୁସ୍ତକ 'ମାଧୁରୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

■ ପୁଣି ମନୋରଞ୍ଜନ କରିବ ବାଦଶାହ ମ୍ୟାଜିକ୍

# ୨୦ ଫୁଟିଆ ଡାଇନୋସର ଓ ଗରିଲା ହେବ ମୁଖ୍ୟ ଆକର୍ଷଣ

**ଅନୁଗୋଳ,୧୬ ।୧(ସମିସ):** ଆସନ୍ତା ୧୭ ତାରିଖ ସନ୍ଧ୍ୟା ୭ଟାରୁ ଅନୁଗୋଳ ସଭାଗୃହରେ ମନୋରଞ୍ଜନ କରିବାକୁ ଆସୁଛି ବାଦଶାହ ମ୍ୟାଜିକ କମ୍ପାନୀ । କମ୍ପାନୀ ପକ୍ଷରୁ ଦୈନିକ ଦୁଇଟି ସୋ' ଅପରାହ୍ନ ୪ଟା ଓ ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହେବ । ରବିବାର ତିନିଟି ସୋ' ହେବ । ଅନ୍ଧବିଶ୍ୱାସ ଦୂର କରିବା ସହ ଦର୍ଶକ ବିଶେଷ କରି ପିଲାମାନଙ୍କ ମନୋରଞ୍ଜନ ପାଇଁ ଷ୍ଟେଜ ଉପରେ ବିଶାଳ ଡାଇନୋସର, ଗଡ଼ଜିଲା, ଗରିଲା ଆଦିଙ୍କ ସହ ଖେଳିବେ ଯାଦୁଗର ବାଦଶାହ ଖାନ । ମାଇଣ୍ଡ ରିଡିଂ, ଇନ୍ଦ୍ରଜାଲ, ଡିଜିଟାଲ ମ୍ୟୁଜିକ ସାଙ୍ଗକୁ ମନରେ ଭ୍ରମ ସୃଷ୍ଟି କଲାଭଳି ଚମତ୍କାର ଅଭିନୟ ଓ ମ୍ୟାଜିକର ଅପୂର୍ବ ସମ୍ମିଶ୍ରଣ ଦର୍ଶକଙ୍କୁ ଅଢ଼େଇ ଘଣ୍ଟା ଧରି ବାନ୍ଧି ରଖିବାକୁ ସକ୍ଷମ ହେବ । ଅନେକ ନୂଆ ନୂଆ ମ୍ୟାଜିକକୁ ନେଇ ପରୀକ୍ଷା ନିରୀକ୍ଷା କରୁଥିବା ବାଦଶାହଙ୍କର ସାରା ଦେଶରେ ବେଶ୍ ସୁନାମ ରହିଛି । ରେଡ୍‌କ୍ରସକୁ ସହାୟତା କରିବା ସହ ସମାଜରୁ ଅନ୍ଧବିଶ୍ୱାସ ଦୂରକରିବା ତାଙ୍କ ମୂଳଲକ୍ଷ୍ୟ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯାଦୁଗର ବାଦଶାହ । ଏହି ସମ୍ମିଳନୀରେ ସଂସ୍ଥାର ଜେନେରାଲ ମ୍ୟାନେଜର ଅଲିମ ଖାନ ଓ ଏକେ ଶର୍ମା ଉପସ୍ଥିତ ଥିଲେ ।




# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

**କିଶୋରନଗର,୧୬ ।୧(ସମିସ):** କିଶୋରନଗର ବରପଡ଼ିଆରେ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଗୁରୁବାର ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ।

ବିଡିଓ ବିନୋଦ ବିହାରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏବିଡିଓ ଦିଲୀପ ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ଝସକେତନ ସାହୁ, ଡିଗ୍ରୀ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, କିଶୋରନଗର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁ, ଝରାବେରଣୀ ହାଇସ୍କୁଲ ପ୍ରଧାନଶିକ୍ଷକ ରଞ୍ଜିତ କୁମାର ସାହୁ, ରଣିଆକଟା ଓଏଭିର ସମ୍ୟକ ପଲ୍ଲବ ଗୁରୁ, ଆଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ସାମ୍ବାଦିକ ସଞ୍ଜୟ ଦାଶ ପ୍ରମୁଖ ଉପସ୍ଥିତ ଶାନ୍ତିଶୃଙ୍ଖଳା ସହ ସାଧାରଣତନ୍ତ୍ର ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ । ଆସନ୍ତା ୨୧ ରିଖରେ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସ ଦିନ ପୁରସ୍କୃତ କରାଯିବ । ସାଧାରଣତନ୍ତ୍ର ଦିବସ ଦିନ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ବୈଠକରେ ସ୍ଥିର ହୋଇଛି । ବରପଡ଼ିଆରେରେ ୨୪ ତାରିଖ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଭ୍ୟାସ ପାରେଡ୍ ହେବ ।

# ଜିଲ୍ଲା ଠିକାଦାର ସଂଘର କର୍ମକର୍ତ୍ତା ନିର୍ବାଚନ



**ଅନୁଗୋଳ,୧୬ ।୧(ସମିସ):** ଚଣ୍ଡୀଖମଣଠାରେ ଅନୁଗୋଳ ଜିଲ୍ଲା ଠିକାଦାର ସଂଘର ସାଧାରଣ ସଭା ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି । ବରିଷ୍ଠ ସଦସ୍ୟ ସୁବୋଧ କୁମାର ସିଂହ, ସରୋଜ କୁମାର ରାଉଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଦିବଂଗତ ଠିକାଦାର ଅରୁଣ ପ୍ରଧାନ, ବାଜି ବେହେରା, ଓ ସନାତନ ସାହୁଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସୁବୋଧ କୁମାର ସିଂହ ବାର୍ଷିକ ବିବରଣୀ ପାଠ କରିବା ସହ ନୂତନ କର୍ମକର୍ତ୍ତା ନିର୍ବାଚନ ପ୍ରସ୍ତାବ ରଖିଥିଲେ । ପରେ ସର୍ବସମ୍ମତିକ୍ରମେ ସୁନୀଲ କୁମାର ପ୍ରଧାନ ସଭାପତି, ସୁବୋଧ କୁମାର ମହାପାତ୍ର ସାଧାରଣ ସମ୍ପାଦକ, ମାନସ ରଞ୍ଜନ ଗଡ଼ନାୟକ, ଅଜିତ ପ୍ରସାଦ ଦ୍ୱିବେଦୀ, ରାମଚନ୍ଦ୍ର ଜେନା ଓ ବିମଳ ଚନ୍ଦ୍ର ବେହେରା ଉପସଭାପତି, ସନ୍ଦୀପ କୁମାର ନାଥ, ଅଶୋକ କୁମାର ସାହୁ ସହ ସମ୍ପାଦକ ଏବଂ ଲଳିତ ମୋହନ ପାଲ କୋଷାଧକ୍ଷ ରୂପେ ମନୋନୀତ ହୋଇଛନ୍ତି । ଠିକାଦାର ସଙ୍ଘକୁ ମଜଭୁତ କରିବା ସହ ଭାଇଚାରା ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସଭାପତି ସୁନୀଲ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ଭାସମାନ ଅବସ୍ଥାରେ ତାଳଚେର ସହର

**ଅନୁଗୋଳ/ତାଳଚେରସଦର,୧୬ ।୧(ସମିସ)**

ତାଳଚେରର ଭାଗ୍ୟ, ଭବିଷ୍ୟତ ଏବେ ଅନିଶ୍ଚିତତା ଭିତରେ ଗତି କରୁଛି । କାରଣ ଏମସିଏଲର ତାଳଚେର କୋଇଲା ଖଣି କ୍ଷେତ୍ରରେ ଥିବା ଭୂତଳ କୋଇଲା ଖଣିଗୁଡ଼ିକରେ ଚାଲୁଥିବା ବାଲିଭର୍ତ୍ତି କାର୍ଯ୍ୟ ବନ୍ଦ ହୋଇଯାଇଛି । ତେବେ ବାଲି ଭର୍ତ୍ତି କାର୍ଯ୍ୟ କାହା ନିର୍ଦ୍ଦେଶରେ ବନ୍ଦ କରାଯାଇଛି ତାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି । ତାଳଚେରବାସୀ ନିଜ ଜୀବନ ପ୍ରତି ବିପଦ ଥିବା ଆଶଙ୍କାରେ ରହିଛନ୍ତି । କାରଣ କୋଇଲା ଖଣିରୁ କୋଇଲା କାଢ଼ି ନିଆଯିବା ପରେ ସେହି ସ୍ଥାନ ଏବେ ଫାଙ୍କା ରହିଛି । ବର୍ଷ ବର୍ଷ ଧରି ଅହରହ କୋଇଲା କାଢ଼ିନେଲା ପରେ ସେତିକି ପରିମାଣରେ ବାଲି ଭର୍ତ୍ତି ହୋଇଗଲା କି ବୋଲି ସହରରେ ଚର୍ଚ୍ଚା ହେଉଛି । ଯଦି ବାଲି ଭର୍ତ୍ତି ହୋଇଗଲା ତେବେ ତାଳଚେର ଏବେ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ସରକାରୀ ସ୍ତରରେ ପ୍ରଚାର କରାଯାଉନାହିଁ କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଦୀର୍ଘ ମାସ ହେଲା ବାଲି ଭର୍ତ୍ତି କାର୍ଯ୍ୟ ବନ୍ଦ ରହିଥିବା ସୂଚନା ମିଳିବା ପରେ ସହରରେ ଏବେ ଅସନ୍ତୋଷ ଦେଖାଦେଇଛି ।

ତାଳଚେର କ୍ଷେତ୍ରର ନନ୍ଦିରା, ତାଳଚେର କୋଲିୟରୀ ଏବଂ ଚମ୍ପାପଶି ଭୂତଳ ଖଣିରେ ଏମସିଏଲ୍ ପକ୍ଷରୁ କୋଇଲା କାଢ଼ି ନିଆଯିବା ପରେ ଖାଲି ସ୍ଥାନରେ ବାଲି ଭର୍ତ୍ତି କାର୍ଯ୍ୟ କରାଯାଉଥିଲା । ତାହା ଏବେ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି । ପୂର୍ବରୁ ତାଳଚେର କୋଇଲା କ୍ଷେତ୍ର ଅନ୍ତର୍ଗତ ହାଣ୍ଡିଧୂଆ, ଦେଉଳବେଡ଼ା ଓ ଚମ୍ପାପଶି ଭୂତଳ କୋଇଲା ଖଣି ବନ୍ଦ ହୋଇଯାଇଥିବା





ବେଳେ ଏହି ଖଣି ଭିତରେ ନାମକୁ ମାତ୍ର କିଛି ସ୍ଥାନରେ ବାଲି ଭର୍ତ୍ତିକରି ଖଣି କର୍ତ୍ତୃପକ୍ଷ ବାଲି ଭର୍ତ୍ତି କରାଯାଇଥିବା ସଫେଇ ଦେଉଛନ୍ତି । ଏମ୍‌ସିଏଲ୍ ନିଜେ ବାଲି ଲିଜ୍ ନେଇ ନିଜସ୍ୱ ଗାଡ଼ି ସହ କିଛି ଘରୋଇ ଗାଡ଼ି ବ୍ୟବହାର କରି ବାଲି ପରିବହନ କରିଥାଏ । ତେବେ କମ୍ ପରିମାଣର ବାଲି ନେଇ ଅଧିକ ଟ୍ରିପ୍ ଦର୍ଶାଯାଇ ରାଧେ ରାଧେ ନ୍ୟାୟରେ ବ୍ୟାପକ ଅର୍ଥ ହରିଲୁଟ୍ ଚାଲିଛି ବୋଲି ତାଳଚେର ସହରରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି । ଉଲ୍ଲେଖଯୋଗ୍ୟ, ତାଳଚେର ସହରକୁ ସୁରକ୍ଷା ଦେବା ପାଇଁ ବାଇପାସ୍ ଅଞ୍ଚଳର କେତୋଟି ସ୍ଥାନରେ ବୋରିଂ କରାଯାଇ ବାଲି ଭର୍ତ୍ତି ପଏଣ୍ଟଗୁଡ଼ିକରେ ଆବଶ୍ୟକ ବାଲି ନ ଥିବା ବେଳେ ବାହାରକୁ ଦେଖାଇବା ପାଇଁ କେବଳ ଗୋଟିଏ ବା ଦୁଇ ଟ୍ରିପ୍ ବାଲି ପକାଇ ଦିଆଯାଇଥାଏ ।

● ଭୂତଳ କୋଇଲା ଖଣିରେ ବାଲି ଭର୍ତ୍ତି କାର୍ଯ୍ୟ ବନ୍ଦକଲା ଏମ୍‌ସିଏଲ୍
● ସହରର ସୁରକ୍ଷା ଉପରେ ପ୍ରଶ୍ନବାଚୀ

ସେଠାରେ ଥିବା କେତେକ ହାତଗଣତି କର୍ମଚାରୀ ବାଲି ଭର୍ତ୍ତି ପଏଣ୍ଟକୁ ଜଗାରଖା କରିବା ଛଡ଼ା ଅନ୍ୟ କିଛି କାମ ତାଙ୍କର ନାହିଁ । ଏହି ବାଲି ପଏଣ୍ଟଗୁଡ଼ିକ କିପରି ଚାଲୁଛି, କେତେ ପରିମାଣର ବାଲି ଭର୍ତ୍ତି ହେଉଛି ଓ ଭୂତଳ ଖଣିର ଆବଶ୍ୟକତାକୁ ପୂରଣ କରୁଛି କି ନାହିଁ ତାହାର ସଠିକ୍ ଯାଞ୍ଚ କରିବା ପାଇଁ କୌଣସି ଏମ୍‌ସିଏଲ୍ ଅଧିକାରୀ କେବେ ସେଠାକୁ ଯାଆନ୍ତି ନାହିଁ । କିମ୍ବା ବାଲି ପଏଣ୍ଟଗୁଡ଼ିକ ଦେଖନ୍ତି ନାହିଁ ବୋଲି ଅଭିଯୋଗ ହୋଇଛି । ଏହି ବାଲି ଭର୍ତ୍ତି କାରବାରରେ ବ୍ୟାପକ ଦୁର୍ନୀତି ହେଉଥିବା କେତେକ ଖଣି ଅଧିକାରୀ ସେମାନଙ୍କ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି । ଚମ୍ପାପଶି କୋଇଲା ଖଣି ବାଲି ପରିବର୍ତ୍ତେ ପାଣିରେ ଉବୁଟୁବୁ ହୋଇ ଖଣିକୁ ବନ୍ଦ କରିଦେବା ଦ୍ୱାରା ତାଳଚେର ସହର ଏବେ ଭାସମାନ ଅବସ୍ଥାରେ ରହିଛି । ସହରବାସୀଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଭବିଷ୍ୟତରେ ଭୂତଳ ଖଣି ଉପରେ ରହୁଥିବା ସହରବାସୀଙ୍କ ପାଇଁ ଏମ୍‌ସିଏଲ୍ ବର୍ତ୍ତମାନ ବିପଦ ଛାଡ଼ିଦେଇଥିବା ଅଭିଯୋଗ ହୋଇଛି । ଭୂତଳ କୋଇଲା ଖଣିରେ ସଠିକ୍ ବାଲି ଭର୍ତ୍ତି କରାଯିବା ପାଇଁ ୮ବର୍ଷ ତଳେ ଜିଲ୍ଲା ପ୍ରଶାସନ, ଏମ୍‌ସିଏଲ୍ ଅଧିକାରୀ, ଲୋକପ୍ରତିନିଧି ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ବସି ବାଲି ଭର୍ତ୍ତି କାର୍ଯ୍ୟକୁ ଆଧୁନିକ ଜ୍ଞାନକୌଶଳରେ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ତାଳଚେରର ବର୍ତ୍ତମାନ ଅନେକ ସ୍ଥାନରେ ଭୂତଳ ଖଣି ଯୋଗୁଁ ବହୁ ସ୍ଥାନରେ ମାଟି ଦବି ଫାଟ ସୃଷ୍ଟି ହେଉଥିବାବେଳେ କୂଅ ପୋଖରୀ ଧସି ପଡ଼ିବା ସହ ପାଣି ଶୁଖିଯିବା ଘଟଣାମାନ ଘଟୁଥିଲେ ମଧ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି ।

ଭୂତଳ ଖଣିରୁ ପାଣି ଉପରକୁ ଉଠାଯାଉ ନ ଥିବାରୁ ଭିତରେ ପାଣି ଚହଲା ହୋଇ ମାଟି ଅତଡ଼ା ଧସୁଛି ବୋଲି କିଛି ଅବସର ଗ୍ରହଣ କରିଥିବା କୋଇଲା ଖଣି ଶ୍ରମିକ କହିବା ସହ ଏହା ସାଧାରଣରେ ମଧ କୁହାଯାଉଛି । ଫମ୍ପା ମାଟି ଉପରେ ଠିଆ ହୋଇଥିବା ତାଳଚେର ସହରର ଭବିଷ୍ୟତ ଆଶଙ୍କା ଦେଇ ଗତି କରୁଥିବାରୁ ସହରବାସୀଙ୍କ ନିଦ ହଜିଯାଇଛି । ଭୂତଳ କୋଇଲା ଖଣିଗୁଡ଼ିକରେ ବାଲି ଭର୍ତ୍ତି କାର୍ଯ୍ୟ ସଠିକ୍ ଭାବେ କରାଯାଉଛି ବୋଲି କାଗଜ କଲମରେ ସିନା ଦର୍ଶାଯାଉଛି କିନ୍ତୁ ବାସ୍ତବରେ ତାହାର ଓଲଟା କାର୍ଯ୍ୟ କରାଯାଉଥିବା ବିଶେଷ ସୂତ୍ରରୁ ଖବର ମିଳିଛି । ଏହାର ଉପଯୁକ୍ତ ତଦାରଖ କରାଯାଉ ନ ଥିବା ସାଧାରଣରେ ଅନୁରୂପ ଅଭିଯୋଗ ହୋଇଛି ।

ମଣ୍ଡାପାଳଠାରେ ବ୍ରାହ୍ମଣୀ ନଦୀର ପାଣି କମିବା ପରେ ବାଲି ପରିବହନ କାର୍ଯ୍ୟ ନାମକୁ ମାତ୍ର ଆରମ୍ଭ କରି ପୁଣି ଖଣି କର୍ତ୍ତୃପକ୍ଷ ଚୁପଚାପ୍ ବସିପଡ଼ନ୍ତି । କେନ୍ଦ୍ରୀୟ ଖଣି ସୁରକ୍ଷା ନିର୍ଦ୍ଦେଶାଳୟ ତଥା ଉଚ୍ଚସ୍ତରୀୟ ତଦନ୍ତ ସଂସ୍ଥା ଏହାର ବିଧିବଦ୍ଧ ତଦନ୍ତ କରି ତାଳଚେର ସହର ସମେତ ଭୂଳତ କୋଇଲା ଖଣିଗୁଡ଼ିକ ଉପରେ ରହୁଥିବା ଗ୍ରାମାଞ୍ଚଳ ଲୋକଙ୍କ ଧନଜୀବନ ପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ଜନସାଧାରଣ ଦାବି ହୋଇଛି । ନଚେତ ତାଳଚେରର ଏହି ଅଞ୍ଚଳ ବିହାରର ଚାଷନଳାରେ ପରିଣତ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ । ତେଣୁଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଭବିଷ୍ୟତରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସୂଚନା ମିଳିଛି ।

● ଘଣ୍ଟପଡ଼ା ତ୍ରିନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଗୋତମରାକୁ ହରାଇ ଟେଣ୍ଟୁଲେଇ ଚାମ୍ପିଅନ




**ତାଳଚେର,୧୬ ।୧(ସମିସ):** ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମରେ ଟାଇଗର ବଏଜ ପକ୍ଷରୁ ଚାଲିଥିବା ପ୍ରଥମ ତ୍ରିନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚ୍ ଗୋତମରା ଓ ଟେଣ୍ଟୁଲେଇ ଦଳ ମଧ୍ୟରେ ଖେଳାଯାଇଥିଲା । ଟେଣ୍ଟୁଲେଇ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ଗୋତମରା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୨୨ ରନ କରିଥିଲା । ଜବାବରେ ଟେଣ୍ଟୁଲେଇ ଦଳ ୧୪ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଗ୍ରାମ କମିଟି ସମ୍ପାଦକ ପ୍ରମୋଦ ଚନ୍ଦ୍ର ପ୍ରଧାନ, ସମାଜସେବୀ କ୍ଷୀରୋଦ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜକିଶୋର ସାହୁ, ବିଜେଡି ଜିଲ୍ଲା ସମ୍ପାଦକ ମନୋଜ ସାହୁ, ଆପୋଲୋ ଟାୟାର୍ସର ସ୍ୱତ୍ତ୍ୱାଧିକାରୀ ରାଜେନ୍ଦ୍ର ବେହେରା, ସମାଜସେବୀ ବିଭୂତି ସାହୁ, ନାଏବ ସରପଞ୍ଚ ରାଜୀବ ଦାସ, ସୁଭାଷ ଚନ୍ଦ୍ର ପ୍ରଧାନ, ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନଗୁରୁଜୀ ପଞ୍ଚାନନ ପାତ୍ର ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ଚାମ୍ପିଅନ ଦଳକୁ ୨୨ ହାଜର ୨୨୨ ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୧୨ ହଜାର ୨୨୨ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ମ୍ୟାନ ଅଫ ଦି ମ୍ୟାଚ ଭାବେ ଗୋତମରା ଦଳର ସୋମ ଓ ମ୍ୟାନ ଅଫ ଦି ସିରିଜ ଭାବେ ଟେଣ୍ଟୁଲେଇ ଦଳର ଭିକୁଙ୍କୁ ପୁରସ୍କୃତ କରାଯାଇଥିଲା । ଅମ୍ପାୟର ଆଶିଷ ସାହୁ ଓ ଦିଲୀପ ଦାସ ମ୍ୟାଚ୍ ପରିଚାଳନା କରିଥିଲେ । ସ୍କୋରର ଭାବେ ଚନ୍ଦନ ମହାରଣା ଓ ଦିବ୍ୟ ବରାଳ ଦାୟିତ୍ୱ ତୁଲାଇଥିଲେ । ଟିକନ ମାଷ୍ଟ୍ରେ ଧାରାବିବରଣୀ ପ୍ରଦାନ କରିଥିଲେ । ଟାଇଗର ବଏଜର ସନ୍ତୁ, ବାଦଲ, ବିଶ୍ୱଜିତ, ବୀରେନ ଓ ଦୋରା ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ପାରାଦୀପ,୧୬।୧(ସମିସ):** ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିର ୬ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏହି ଶିବିରରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡଃ ସସ୍ମିତା ଶତପଥୀ ସଭାପତିତ୍ୱ କରି ଛାତ୍ରୀମାନେ ନିଜକୁ ସମାଜରେ କିଭଳି ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଭାବେ ପାରାଦୀପ ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ପ୍ରୀତିଆରତୀ ପରିଡ଼ା ଯୋଗଦେଇ ଆତ୍ମରକ୍ଷା ତାଲିମ ଦ୍ୱାରା ଛାତ୍ରୀମାନେ କିଭଳି ଅସାମାଜିକ ବ୍ୟକ୍ତିଙ୍କଠାରୁ ନିଜକୁ ରକ୍ଷା କରିପାରିବେ, ସେ ନେଇ ନିଜର ମତ ରଖିଥିଲେ । ସଂଯୋଜିକା ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ଡଃ ନଳିନୀପ୍ରଭା ମହାପାତ୍ର ୮ ଦିନର ବିବରଣୀ ପାଠ କରିଥିଲେ । ମାଷ୍ଟର ଟ୍ରେନର କୁମାରୀ ବିଷ୍ଣୁପ୍ରିୟା ଓ କୁମାରୀ ସ୍ମୃତିରେଖା ଛାତ୍ରୀଙ୍କୁ ତାଲିମ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସୁଚିତ୍ରା ପ୍ରଧାନ, ଅଧ୍ୟାପିକା ସଂଘମିତ୍ରା ପ୍ରଧାନ, ଅଧ୍ୟାପିକା ଶୁଭସ୍ମିତା ଓ ଅଧ୍ୟାପିକା କାମାକ୍ଷୀ ପ୍ରମୁଖ ଯୋଗ ଦେଇଥିଲେ । ସହସଂଯୋଜିକା ଅଧ୍ୟାପିକା ପାର୍ବତୀ ଦେବୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ

**କୁଜଙ୍ଗ,୧୬।୧(ସମିସ):** କୁଜଙ୍ଗ ବ୍ଲକ୍ ଅଧୀନ ପାରାଦୀପଗଡ଼ ସରପଞ୍ଚ ସସ୍ମିତା ବେହେରା ଭତ୍ତା ହିତାଧିକାରୀଙ୍କୁ ୩୫୦୦ ଟଙ୍କା ପ୍ରଦାନ କରିଛନ୍ତି । ଉକ୍ତ ସ୍ୱତନ୍ତ୍ର ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ଚନ୍ଦ୍ରଶେଖର ଚୌଧୁରୀ, ଅଲେଖ ମହାରଥା, ପ୍ରଭାତ ସାହୁ, ନାଏବ ସରପଞ୍ଚ ପ୍ରକାଶ ସାହୁ, ୱାର୍ଡ ସଭ୍ୟସଭ୍ୟା ସୁଧାଂଶୁ ସାହୁ, କଳ୍ପନା ଖଟୁଆ, ଲିଲି ଗୋଚ୍ଛାୟତ, ରେବତୀ ସ୍ୱାଇଁ, ଶକୁନ୍ତଳା ସ୍ୱାଇଁ, ସୁରେନ୍ଦ୍ର ସେଠୀ, ନିରଞ୍ଜନ ମଲ୍ଲିକ, ନଳିନୀ ସାହୁ, ଗୋଲାପି ସାମଲ, ମିନାକ୍ଷୀ ନାୟକ, ପ୍ରମିଳା ବାରିକ, ସୀମା ରାଉତ, ସନାତନ ମାଝି, ମଞ୍ଜୁଲତା ପଲାଇ ପ୍ରମୁଖ ଉପସ୍ଥିତ ଥିଲେ ।

## ତ୍ରିନାଥ ମହାଦେବଙ୍କ ବାର୍ଷିକ ଉତ୍ସବ

**ପାରାଦୀପ, ୧୬।୧ (ସମିସ):** ବାଲିଝରା ଇନ୍ଦିରା ପାର୍କ ବସ୍ତିରେ ତ୍ରିନାଥ ମହାଦେବଙ୍କ ବାର୍ଷିକ ଉତ୍ସବ ଅବସରରେ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି । ଏହି ନାମଯଜ୍ଞରେ ବାଲିଝରା ଇନ୍ଦିରା ପାର୍କ ବସ୍ତିର ସମସ୍ତ ଜନସାଧାରଣ ସାମିଲ ହୋଇଥିବାବେଳେ ଏହା ତିନିଦିନ ଧରି ଚାଲିବ । ଏଥିରେ ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଛନ୍ତି । ଏହି ଅନୁଷ୍ଠାନ ଦୀର୍ଘ ୧୭ ବର୍ଷ ଧରି ଏହି ମହୋତ୍ସବକୁ ମହାଆଡ଼ମ୍ବରରେ ପାଳନ କରିଆସୁଥିବା କମିଟିର ସଭାପତି କହିଛନ୍ତି ।

## ଆତ୍ମରକ୍ଷା ତାଲିମ ଶିବିର

**ବାଲିକୁଦା,୧୬।୧(ସମିସ):** ବାଲିକୁଦା ବ୍ଲକ୍ ଅନ୍ତର୍ଗତ ବୋରିକିନାସ୍ଥ ହରିଶପୁର ବଳଦେବ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି । ଅଧ୍ୟକ୍ଷା ଲତିକା ଷଡ଼ଙ୍ଗୀ ଶିବିରକୁ ଉଦ୍‌ଘାଟନ କରିଥିଲେ । ଅଧ୍ୟାପକ ଦିଲ୍ଲୀପ ନନ୍ଦ ମଙ୍ଗଳାଚରଣ ଗାନ କରିଥିଲେ । ପ୍ରୋଗ୍ରାମ ଅଫିସର ଅଜୟ ଭୋଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅଶୋକ ସ୍ୱାଇଁ, ବସନ୍ତ ସ୍ୱାଇଁ, ଦିଲ୍ଲୀପ ମହାନ୍ତି, ବିଘ୍ନରାଜ ନାୟକ, ଡଃ ଅକ୍ଷୟ ଜେନା, ଶିଶିର ଦାଶ, ପ୍ରଶାନ୍ତ ବେହେରା, ଚିତ୍ତରଞ୍ଜନ ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମର ଉପାଦେୟତା ବିଷୟରେ ବୁଝାଇଥିଲେ । ମାଷ୍ଟର ଟ୍ରେନର୍ ଶ୍ରାବଣୀ ପ୍ରିୟଦର୍ଶିନୀ ନାୟକ ଓ ପୂଜା ସ୍ୱାଇଁ ଆତ୍ମରକ୍ଷା କୌଶଳ ଶିଖାଇଥିଲେ । ଏହି କାର୍ଯ୍ୟକ୍ରମରେ ୧୬୨ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ଏହା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ନାଉଗାଁ, ୧୬।୧(ସମିସ):** ନାଉଗାଁ ବ୍ଲକ୍ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଜ୍ୟୋତି ପ୍ରକାଶ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଧାପକ ବିଭୁତି ଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ପ୍ରାଧାପକ ଚନ୍ଦ୍ର ଶେଖର ପୁହାଣ, ଅଧ୍ୟାପକ ପ୍ରଭାତ କୁମାର ଶତପଥୀ, ଅଧ୍ୟାପକ ଚୈତନ୍ୟ ଚରଣ ପରିଡା, ଅଧ୍ୟାପକ ତୁଷାର କାନ୍ତ ଦାସ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରତ୍ୟେକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ମାଧ୍ୟମରେ ବାଳିକା ମାନଙ୍କୁ ତାଲିମ ଦିଆଯାଉଛି । ବାଳିକାମାନେ ମଧ୍ୟ ଏହି ତାଲିମରୁ ସଠିକ୍ ରୂପେ ଶିକ୍ଷା ଗ୍ରହଣ କରି ନିଜ ଉପରେ ହେଉଥିବା ଆକ୍ରମଣକୁ କଡ଼ା ଜବାବ ଦେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜିକା ଅଧ୍ୟାପିକା ସୁଚତ୍ରା ମଲ୍ଲ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଚୈଧୁରୀ ବିନେଶ କୁମାର ଦାସ ସହଯୋଗ କରିଥିଲେ ।




# ବରିଷ୍ଠ ନାଗରିକଙ୍କ ଶିରିଡ଼ି-ନାସିକ ତୀର୍ଥଯାତ୍ରା





**ଜଗତସିଂହପୁର , ୧୬।୧(ସମିସ):** ଆଜି ଅପରାହ୍ନରେ ଜଗତ୍‌ସିଂହପୁର ଜିଲ୍ଲାରୁ ୮୫ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ସାମିଲ ହୋଇ ଶିରିଡି-ନାସିକ ଅଭିମୁଖେ ଯାତ୍ରା କରିଛନ୍ତି । ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ଟି ବସ୍ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଛି । ଏହି କାର୍ଯକ୍ରମରେ ଅତିରିକ୍ତ ଜିଲ୍ଲାପାଳଙ୍କ ପୌରହିତ୍ୟରେ ବିଧାୟକ, ଜଗତସିଂହପୁର ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି ଓ ଜଗତ୍‌ସିଂହପୁର ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି

**● ୨ଟି ବସ୍‌ରେ ଭୁବନେଶ୍ୱର ଗଲେ ୮୫ ବରିଷ୍ଠ ନାଗରିକ**
**● ସ୍ୱତନ୍ତ୍ର ଟ୍ରେନ୍‌ରେ ଯିବେ**

ତୀର୍ଥଯାତ୍ରାର ଶୁଭାରମ୍ଭ କରିବା ସହିତ ତୀର୍ଥଯାତ୍ରୀ ମାନଙ୍କୁ ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ । ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ଏସ୍କର୍ଟ ଅଫିସର ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ପ୍ରଶାନ୍ତ କୁମାର ମହାପାତ୍ର ଓ ରାଧା ମୋହନ ଜେନା ସହାୟକ ଅଧିକାରୀ ଭାବେ ଗସ୍ତ କରିଛନ୍ତି । ଆସନ୍ତାକାଲି ପୂର୍ବାହ୍ନ ୧୧.୪୫ ସମୟରେ ସ୍ୱତନ୍ତ୍ର ଟ୍ରେନ ଯୋଗେ ସେମାନେ ଶିରିଡି-ନାସିକ ଅଭିମୁଖେ ଯାତ୍ରା କରିବେ । ଏହି କାର୍ଯକ୍ରମକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶୁଭ ଉଦଘାଟନ କରିବେ । ଆଜି ସକାଳେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ବିଭିନ୍ନ କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ ।

### ପୁସ୍ତକ ମେଳାର ଦ୍ୱିତୀୟ ସଂଧ୍ୟା

## ସ୍ୱାଧୀନତା ସଂଗ୍ରାମରେ ଚୌଧୁରୀ ପରିବାରର ଅବଦାନ ଶୀର୍ଷକ ଆଲୋଚନା




**ଜଗତସିଂହପୁର,୧୨।୧:(ସମିସ):** ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ୨୬ତମ ପୁସ୍ତକମେଳାର ୨ୟ ଦିବସର ସାହିତ୍ୟ ଆସର ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା । ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ ଡଃ.କ୍ରୀଷ୍ଣା ମହାନ୍ତି, ସୁପ୍ରତିଷ୍ଠିତ ସାହିତ୍ୟକ ସଚ୍ଚି ମହାନ୍ତି, ଶିକ୍ଷାବିତ୍ ଗୋଲୋକ ନାୟକ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ଜଗତସିଂହପୁର ଚୌଧୁରୀ ପରିବାରର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଡଃ ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ କ୍ଷୁଦ୍ରଗଳ୍ପ ଦୁଃଖ ନଗରୀର ସୌଦାଗର ଏବଂ ଅଧ୍ୟାପିକା ସବିତା ମହାନ୍ତିଙ୍କ ସେ କେଉଁ ପିଙ୍ଗଳା ପୁସ୍ତକ ଉନ୍ମୋଚିତ ହୋଇଥିଲା । ପ୍ରାରମ୍ଭରେ ପରିଷଦର ଯୁଗ୍ମ ସଂପାଦକ ସୁଧୀର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ କାର୍ଯ୍ୟକାରିଣୀ ସଦସ୍ୟ ଡଃ କୈଳାଶ ମଲ୍ଲିକ ଧନ୍ୟବାଦ ଦେଇଥିଲେ । ପୂର୍ବାହ୍ନରେ କବିତା ପାଠୋତ୍ସବ, କୁଇଜ୍ କାର୍ଯ୍ୟକ୍ରମ ପ୍ରଭୃତି ଆୟୋଜନ କରାଯାଇଥିଲା ।

## ଘର ତାଲା ଭାଙ୍ଗି ଚୋରି

**ପାରାଦୀପ, ୧୬।୧ (ସମିସ) :** ଲକଥାନା ଅଧୀନ ପାରାଦୀପ ଗଡ଼ ଲୋକନାଥ ପଡ଼ାରେ ଘର ଭଡା ନେଇ ରହୁଥିବା ତିର୍ତ୍ତୋଲ ଅଞ୍ଚଳର ରଶ୍ମି ରଞ୍ଜନ ନନ୍ଦଙ୍କ ଘରେ ବିଳମ୍ବିତ ରାତିରେ ପଶି ଦୁର୍ବୃତ୍ତ ମାନେ କଳାକନା ବୁଲାଇ ଦେଇଛନ୍ତି । ସେ ନିଜ ଗାଁକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଘରେ ଥିବା ହାତଘଣ୍ଟା, ଏଲଇଡି ଟିଭି, ଗ୍ରାଇଣ୍ଡର, ଗ୍ୟାସ ଟାଙ୍କି ଓ ଅନ୍ୟାନ୍ୟ ବହୁ ଘରକରଣା ସାମଗ୍ରୀ ଚୋରି କରି ନେଇଛନ୍ତି । ଲକଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଆଣି ତଦନ୍ତ ଜାରି ରଖିଛନ୍ତି ।

## ଟାଟା ପାୱାରର ପ୍ରିପେଡ୍ ମିଟରକୁ କଂଗ୍ରେସର ବିରୋଧ

### ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ଜଗତ୍‌ସିଂହପୁର, ୧୬।୧(ସମସ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଟାଟା ପାୱାରର ପ୍ରିପେଡ୍ ମିଟର ବିରୋଧରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାର ବିଦ୍ୟୁତ୍ ବିଭାଗ ଏବଂ ଟାଟା ପାୱାର ଉଭୟ ବ୍ୟସାୟିକ ଓ ଘରୋଇ ଉପଭୋକ୍ତଙ୍କ ପାଇଁ ପ୍ରିପେଡ୍ ମିଟର କାର୍ଯକାରୀ କରିବାକୁ ମସୁଧା ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ବିଦ୍ୟୁତ୍ ଡିଭିଜନ ଅଧିନସ୍ଥ ପାଖାପାଖି ୧୫ ହଜାର ଉପଭୋକ୍ତାଙ୍କ ଘରେ ବସିଥିବା ଡିଜିଟାଲ ମିଟର ବିନା କୌଣସି ଯାଞ୍ଚରେ ଉପଭୋକ୍ତାଙ୍କୁ ସଠିକ୍ ପ୍ରମାଣ ଦିଆନଯାଇ ଖରାପ ଦର୍ଶାଯାଇଛି । ଜଗତସିଂହପୁର ଡିଭିଜନରେ ଭିଜନଟେକ୍ଷ, ସିକାର, ଏଚପିଏଲ୍ ଆଦି କମ୍ପାନୀର ଡିଜିଟାଲ ମିଟର ଅଧିକାଂଶ ଉପଭୋକ୍ତଙ୍କ ଘରେ ବ୍ୟବହାର କରାଯାଉଛି । ବିନା କୌଣସି ଯାଞ୍ଚରେ ନିର୍ଦ୍ଦିଷ୍ଟ ଏକ କମ୍ପାନୀର ମିଟର ଗୁଡିକୁ କ'ଣ ପାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଖରାପ ଦର୍ଶାଯାଉଛି ତାର କାରଣ ଅସ୍ପଷ୍ଟ ରହିଛି । ବିଶେଷକରି ବିନା ତନଖିରେ ମିଟର ଗୁଡ଼ିକ ଖରାପ ଦର୍ଶାଇ ଉପଭୋକ୍ତାଙ୍କ ଠାରୁ ମୋଟା ରକମର ବିଦ୍ୟୁତ୍ ବିଲ୍ ଆଦାୟ କରାଯାଉଛି । ଟାଟା ପାୱାରର ଏପରି ମନମୁଖି କାର୍ଯକଳାପ ଯୋଗୁଁ ଜିଲ୍ଲାବାସୀ ଅତିଷ୍ଠ ହେଲେଣି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ପିସିସି ସଭ୍ୟ ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା , ପ୍ରଦୀପ୍ତ ଦାସ , ପ୍ରଦୀପ ସ୍ୱାଇଁ , ତ୍ରିଲୋଚନ ରାଉତ , ରମାକାନ୍ତ ଦାସ , ମାନସ ଗୋଚ୍ଛାୟତ, ସାଇପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।

## ସୁଧାରାଣୀ ଦାସଙ୍କ ସ୍ମୃତିଚାରଣ ସଭା



**କୁଜଙ୍ଗ,୧୬।୧(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ହଂସୁରା ଗ୍ରାମପଞ୍ଚାୟ ହଂସୁରା ଗ୍ରାମର ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ନାଥ ଦାସଙ୍କ ସହଧର୍ମିଣୀ ସୁଧାରଣୀ ଦାସଙ୍କର ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି ।ଏହି ସ୍ମୃତିଚାରଣ ସଭାରେ ଦିବ୍ୟଜୀବନ ସଂଘର ବରେଣ୍ୟ ସନ୍ଥ ସ୍ୱାମୀ ଶିବଚ୍ଚିଦାନନ୍ଦ ଜି ମହାରାଜ, ସ୍ୱାମୀ ଗୁରୁ ପ୍ରସାଦାନନ୍ଦ ଜି ମହାରାଜ ଓ ଶ୍ରୀଲ୍ଲମଠର ମଠାଧୀଶ ବାବାଜୀ ନିମାଇଁ ଚରଣ ଦାସ ଉପସ୍ଥିତ ରହି ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାଥନା କରିବାସହିତ ପରିବାର ବର୍ଗଙ୍କୁ ଆର୍ଶ୍ରୀବଚନ ପ୍ରଦାନ କରି ବିଭୁକୃପା ଭିକ୍ଷା କରିଥିଲେ । ପରିବାରର ବଡ଼ ଝିଅ ଚୌଧୁରୀ ଯଶୋଦାରାଣୀ,ଜ୍ୟେଷ୍ଠ ପୁତ୍ର ଚୌଧୁରୀ ପ୍ରଣାବାନନ୍ଦ ଦାସ ,ଝିଅ ଶର୍ମିଷ୍ଠା,ପୁଅ ରାମନାରାୟଣ,ସ୍ମିତା,ସାସ୍ୱତୀ, ବୋହୁ ବିଷ୍ଣୁପ୍ରିୟା, ଜୋଇଁ ଶରତ, ରାଜୀବ, ଅଜୟ, ସୁଶାନ୍ତ,ନାତି ନାତୁଣୀ ଯଶସ୍ୱିନୀ, ଶୁଭ୍ରଜିତ, ସାଇଶ୍ୱତୋ,ତେଜସ ନାରାୟଣ, ଶିବାନ୍ସ୍ୱ, ଶ୍ରେୟାଶୀ ଓ ରାମ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ସ୍ମୃତି ଚାରଣ କରିଥିଲେ ।

## ଗୋଟିଏ ରାତିରେ ୨ଟି ଚୋରି

**ବାଲିକୁଦା,୧୬ ।୧(ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ଇଚ୍ଛାପୁର ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ଗତ ବୁଧବାର ରାତିରେ ୨ଟି ସ୍ଥାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଏହି ଗ୍ରାମର ସିଦ୍ଧ ମହାପୁରୁଷ ମାଧୁରୀ ବାବାଙ୍କ ପୀଠରେ ଉତ୍ସବ ପାଳନ ହେଉଥିବା କାରଣରୁ ଗ୍ରାମର ବ୍ୟକ୍ତି ମାନେ ଘରେ ତାଲା ପକାଇ ଯାତ୍ରା ଦେଖିବାକୁ ଯାଇଥିଲେ । ଏହାର ସୁଯୋଗ ନେଇ ଚୋରମାନେ ଗ୍ରାମର ଜଟାଧାରୀ ସାହୁ ଓ ବଂଶୀଧର ବାରିକଙ୍କ ତାଲା ଭାଙ୍ଗି ଘରୁ ଚୋରି କରିଥିଲେ । ରାତି ପ୍ରାୟ ୨ ଟା ସମୟରେ ଜଟାଧାରୀ ଯାତ୍ରାରୁ ଘରକୁ ଫେରିବା ପରେ ଘର ତାଲା ଭାଙ୍ଗି ଘରୁ ଟ୍ରଙ୍କ, ଗଡ଼ରେଜ, ଆଲମିରା ଭାଙ୍ଗି ନଗଦ ୮୦ ହଜାର ଟଙ୍କା ସମେତ ସୁନା କାନ ଫୁଲ, ଚେନ, ମୁଦି ଆଦି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି । ସେହିପରି ବଂଶୀଧରଙ୍କ ଘରୁ ଟଙ୍କା ଓ ସୁନା ଗହଣା ଚୋରି ହୋଇଥିବା ମଧ୍ୟ ବାଲିକୁଦା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ବାଲିକୁଦା ପୁଲିସ ପକ୍ଷରୁ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ ହୋଇ ଥିବା ଜଣାପଡିଛି ।

## ବୃତ୍ତି ପରୀକ୍ଷାରେ ସଫଳତା

**ବାଲିକୁଦା,୧୬ ।୧(ସମିସ):** ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚତୁର୍ଥ ଶ୍ରେଣୀ ଛାତ୍ରୀ ସମ୍ଭାବନା ପରିଣୀତା ମହାରଣା ଚଳିତ ଶିକ୍ଷାବର୍ଷ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବ୍ଲକ ସ୍ତରରେ ୨ୟ ସ୍ଥାନ ଅଧିକାର କରିଛନ୍ତି । ସମ୍ଭାବନା ବାଲିକୁଦା ପଞ୍ଚାୟତ ବାଲିସାହି ଗ୍ରାମର ବନବିହାରୀ ମହାରଣା ଓ ରୋଜାଲୀନ ସ୍ୱାଇଁଙ୍କ ଝିଅ ଅଟନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ବାପା, ମା ଏବଂ ବିଦ୍ୟାଳୟର ଗୁରୁଜୀ, ଗୁରୁମାଙ୍କୁ କୃତଜ୍ଞତା ଜଣାଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଗୁରୁଜୀ ସସ୍ମିନ ସାହୁ, ଗୁରୁଜୀ ସୁଦାମ ପରିଡା,ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ ପ୍ରମୁଖ ଶୁଭେଚ୍ଛା ଜଣେଇବା ସହ ତାଙ୍କ ଭବିଷ୍ୟତ ଉଜ୍ୱଳ ପାଇଁ କାମନା କରିଛନ୍ତି ।

## ଆଦର୍ଶ ଶିକ୍ଷୟିତ୍ରୀ ବସୁମତୀ ଶତପଥୀ ସମ୍ମାନିତ

**ବିରିଡ଼ି,୧୬।୧ (ସମିସ):** ବିରିଡି ବ୍ଲକ ଉତ୍ତର ଶାସନ ପଞ୍ଚାୟତ ମହାଜନ ସାହିର ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀ କ୍ଷୀରୋଦ ଚନ୍ଦ୍ର ଶତପଥିଙ୍କ କନ୍ୟା ତଥା ଆଦର୍ଶ ଶିକ୍ଷୟିତ୍ରୀ ବସୁମତୀ ଶତପଥୀଙ୍କୁ ଆମେରିକାନ୍ ମେରିଟ୍ କାଉନ୍‌ସିଲ ପକ୍ଷରୁ ସମ୍ମାନିତ କରାଯାଇଛି । କାଉନ୍‌ସିଲ ତରଫରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ଦିଆଯାଇଥିଲା ।

## ସାରସ୍ୱତ ପରିଷଦ ପକ୍ଷରୁ ଆସ ଭେଟିବା ଆମ ପିଲାଙ୍କୁ କାର୍ଯ୍ୟକ୍ରମ

**ଜଗତସିଂହପୁର,୧୬ ।୧(ସମିସ):** ଜଗତ୍‌ସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଗୁରୁବାର ଦିନ ଏକ ନିଆରା ବୌଦ୍ଧିକ କାର୍ଯ୍ୟକ୍ରମ 'ଆସ ଭେଟିବା ଆମ ପିଲାଙ୍କୁ' ସ୍ଥାନୀୟ ଅଳସୁଧାସ୍ଥିତ ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପ୍ରବନ୍ଧ 'ଆମଭାଷା ଆମ ପରିଚୟ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାୟ ୧୫ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ସେହିପରି ବିଚାରକ ଭାବେ ଅନୁଷ୍ଠାନର ଶିକ୍ଷକ ନିରଞ୍ଜନ ପଣ୍ଡା, ସୁଦର୍ଶନ ଷଡଙ୍ଗୀ ଓ ଶିକ୍ଷୟିତ୍ରୀ ଲତା ଦେଇ ଯୋଗଦେଇ ତିନିଜଣ କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ପରିଷଦର ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱାଗତିକା ମହାନ୍ତି ଓ ଶିକ୍ଷୟିତ୍ରୀ ସ୍ମିତା ସ୍ୱାଇଁ ପିଲାମାନଙ୍କୁ ପ୍ରବନ୍ଧ ଲେଖିବାର କୌଶଳ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଆମ ଭାଷା ହିଁ ଆମର ଅସଲ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ । ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀ ଦେବସ୍ମିତା ସ୍ୱାଇଁ, ଜୟପ୍ରକାଶ ବାରିକ, ବିଭୁଦତ୍ତ ସ୍ୱାଇଁଙ୍କୁ ପରିଷଦ ପକ୍ଷରୁ ହାଇସ୍କୁଲ ପ୍ରବନ୍ଧ ଓ ପତ୍ରମାଳା ପୁସ୍ତକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ହୀରାଲାଲ ବାରିକ ଧନ୍ୟବାଦ ଦେଇଥିଲେ ।

# ମୃତ ଚାଷୀଙ୍କ ପରିବାର ପାଇଁ କ୍ଷତିପୂରଣ ଦାବିକଲା କଂଗ୍ରେସ

**ଜଗତସିଂହପୁର,୧୬।୧(ସମିସ)**



ରଘୁନାଥପୁର ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକଙ୍କ ପରାମର୍ଶ କ୍ରମେ ଅଦିନିଆ ବର୍ଷା ଯୋଗୁଁ ଚାଷୀ ସହିଥିବା ଅପୂରଣୀୟ କ୍ଷତିର ଉପଯୁକ୍ତ କ୍ଷତିପୂରଣ ଓ କ୍ଷତି ସହି ନ ପାରି ଆତ୍ମହତ୍ୟା କରିଥିବା ଚାଷୀଙ୍କ ପରିବାରକୁ ଉପଯୁକ୍ତ ଅନୁକମ୍ପା ରାଶି ପ୍ରଦାନ କରିବା ଦାବିରେ ଏକ ପ୍ରତିନିଧି ଦଳ ଜଗତସିଂହପୁର ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୫ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ତଅଁରା ପଞ୍ଚାୟତର ଚାଷୀ ଅଶୋକ ପରିଡ଼ାଙ୍କ ଲଗାଣ ବର୍ଷା ଯୋଗୁଁ ୫ ଏକର ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଏ ନେଇ ସେ ମାନସିକ ଭାରସାମ୍ୟ ହରାଇ ଗତ ୮ ତାରିଖରେ ଆତ୍ମହତ୍ୟା କରିଥିଲେ । ତାଙ୍କ ଉପରେ ପାଖାପାଖି ୧୭ରୁ ୧୮ ଲକ୍ଷ ଟଙ୍କାର ଋଣ ଭାର ଥିଲା । ଚାଷ ତାଙ୍କର ଏକମାତ୍ର ରୋଜଗାର ପନ୍ଥା ଥିଲା । ତାଙ୍କ ପରିବାରରେ ପତ୍ନୀ ଓ ୬ ବର୍ଷର ଝିଅ ଅଛନ୍ତି । ସ୍ୱର୍ଗତ ପରିଡା ହିଁ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ତେଣୁ ସ୍ୱର୍ଗତ ଅଶୋକ ପରିଡାଙ୍କ ଚାଷରେ ହୋଇଥିବା କ୍ଷତିକୁ ସଠିକ୍ ଆକଳନ କରାଯାଇ ତାଙ୍କ ପରିବାରକୁ ଉଚିତ୍ କ୍ଷତିପୂରଣ ରାଶି ତୁରନ୍ତ ସରକାରଙ୍କ ପକ୍ଷରୁ ପ୍ରଦାନ, ସମସ୍ତ ଋଣ ଛାଡ଼, ଝିଅର ପାଠପଢା ଖର୍ଚ୍ଚ ସରକାର ବହନ କରିବା ଓ ତାଙ୍କ ପରିବାରର ଭରଣପୋଷଣ ନିମନ୍ତେ ସରକାର ଉପଯୁକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ଦାବି କରାଯାଇଛି । କେବଳ ଅଶୋକ ପରିଡା ନୁହେଁ ଜଗତସିଂହପୁର ଜିଲ୍ଲାର ଅଧିକାଂଶ ଚାଷୀ ଲଗାଣ ବର୍ଷା ଯୋଗୁଁ କ୍ଷତି ସହିଛନ୍ତି । ତେଣୁ ଜଗତସିଂହପୁର ଜିଲ୍ଲାର ସମସ୍ତ ଚାଷୀଙ୍କ ହୋଇଥିବା କ୍ଷୟକ୍ଷତିର ଆକଳନ କରି ଯଥାଶୀଘ୍ର କ୍ଷତିପୂରଣ ଯୋଗାଇ ଦେବାକୁ ବ୍ଲକ୍ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । ଯଦି ଆଗାମୀ ୧ ମାସ ମଧ୍ୟରେ ଉକ୍ତ ସମସ୍ୟାର ସମାଧାନ କରା ନ ଯାଏ, ତେବେ ରଘୁନାଥପୁର ବ୍ଲକ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ପିସିସି ସଭ୍ୟ ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ବ୍ଲକ୍ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପ୍ରଦୀପ୍ତ ଦାସ, ପ୍ରଦୀପ ସ୍ୱାଇଁ, ତ୍ରିଲୋଚନ ରାଉତ, ରମାକାନ୍ତ ଦାସ, ମାନସ ଗୋଚ୍ଛାୟତ, କୀର୍ତ୍ତିରଞ୍ଜନ ରାୟ, ପ୍ରତ୍ୟୁଷ ନାୟକ, ସାଇପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ଦାବୀପତ୍ର ପ୍ରଦାନ କରିଥିଲେ ।

## କୁଜଙ୍ଗ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**କୁଜଙ୍ଗ,୧୬/୧(ସମିସ):** କୁଜଙ୍ଗ ମହାବିଦ୍ୟାଳୟ ରେ ୪୧ ତମ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ଚନ୍ଦ୍ର ସ୍ୱାଇଁ ଏହି କ୍ରୀଡା ମହାକୁମ୍ଭକୁ ଉଦ୍‌ଘାଟନ କରିବା ସହ ଯୁବକ ମାନେ ମୋବାଇଲ୍ ଛାଡି ମଇଦାନ ମୁହାଁ ହେଲେ ଦେଶକୁ ସୁସ୍ଥତା ଓ ବିକାଶକୁ ଅଧିକ ଗତି ମିଳି ପାରିବବୋଲି କହିବା ସହ ଏହି ସୁନ୍ଦର ଅୟୋଜନ କୁ ଉଚ୍ଚ ପ୍ରଶଂସା କରିଥିଲେ । ଇଂରାଜୀ ବିଭାଗ ଅଧ୍ୟାପକ ଚିତ୍ତ ରଞ୍ଜନ ସାହୁଙ୍କ ସଂଯୋଜନାରେ ଅଧ୍ୟାପିକା ଜୟନ୍ତୀ କୁମାରୀ ସ୍ୱାଇଁ, ଦୀପ୍ତିମୟି ପ୍ରଧାନ, ପ୍ରମୋଦ କୁମାର ମିଶ୍ର, ସହକାରୀ କ୍ରୀଡା ଅଧ୍ୟାପକ ଜୀବନ କୁମାର୍ ଜୟସିଂହ ପ୍ରମୁଖ କ୍ରୀଡାର ଉପାଦେୟତା ବିଷୟରେ ଆଲୋକପାତ କରି ଥିଲେ ।

ଆଥଲେଟିକ୍ କ୍ଲବ୍ ଉପ ସଭାପତି ସସ୍ମିତା ସାହୁ, ଅଧ୍ୟାପକ ବାପୁଜୀ ବେହେରା, ଅଜୟ କୁମାର ରାଉତ, ପ୍ରଶନ୍ନ କୁମାର ସାହୁ, ଚନ୍ଦ୍ର ଆପୋଲ ମହାନ୍ତି, ସାଲୋମନ ସାହୁ, ଶୁଭଶ୍ରୀ ବିଶ୍ୱାଳ, ଭୃଗୁ ଚନ୍ଦ୍ର ପାତ୍ର,ମଧୁସ୍ମିତା ସାହୁ, ରଶ୍ମି ମିଶ୍ର, ପ୍ରବାସିନ ରାଉତ,ସୂର୍ଯ୍ୟକାନ୍ତ ନନ୍ଦ, ଶ୍ରୁତିଶ୍ରୀ ମହାନ୍ତି ପ୍ରମୁଖ ଏହି ଦୁଇ ଦିନିଆ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

ସକାଳ THE SAKALA



www.sakalaepaper.com

## ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ

# ଶିରିଡ଼ି ଗଲେ ୧୦୧ ତୀର୍ଥଯାତ୍ରୀ






କେନ୍ଦ୍ରାପଡ଼ା,୧୬।୧(ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିନରେ ଗୁରୁବାର କେନ୍ଦ୍ରାପଡ଼ା ଟାଉନହଲ୍‌ଠାରୁ ୧୦୧ଜଣ ବରିଷ୍ଠ ତୀର୍ଥଯାତ୍ରୀ ଶିରିଡି-ନାସିକ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଉପଲକ୍ଷେ ଅପରାହ୍ନ ୩ଟାରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଟାଉନହଲ୍‌ରେ ବରିଷ୍ଠ ନାଗରିକଙ୍କ ପଞ୍ଜୀକରଣ ଓ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ଯାଞ୍ଚ ପରେ ୧୦୧ଜଣ ବରିଷ୍ଠ ନାଗରିକ ଯୋଗ୍ୟ ବିବେଚିତ ହେବା ପରେ ତୀର୍ଥଯାତ୍ରା ପାଇଁ ଉଦ୍ଦିଷ୍ଟ ବସ୍‌ରେ ଯାତ୍ରା ଆରମ୍ଭ ପାଇଁ ବସିଥିଲେ। ସୂଚନାଯୋଗ୍ୟ, ସେମାନେ ଏଠାରୁ ଯାଇ ଭୁବନେଶ୍ୱର ରେଲ୍‌ୱେ ଷ୍ଟେସନ୍‌ଠାରୁ ଶିରିଡି-ନାସିକ ଅଭିମୁଖେ ରେଳଗାଡିରେ ଯାତ୍ରା କରିବେ। ଏହି ଯାତ୍ରାର ସମୟସୀମା ଜାନୁୟାରୀ ୧୭ରୁ ଆରମ୍ଭ ହୋଇ ଜାନୁୟାରୀ ୨୨ ତାରିଖରେ ଶେଷ ହେବ। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ ସମୟରେ ଜିଲ୍ଲା କୃଷି ଅଧିକାରୀ କଲ୍ୟାଣ ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଚାକିରି ଦେବା ନାଁରେ ସଭାପତିଙ୍କ ବିରୋଧରେ ଠକେଇ ଅଭିଯୋଗ

# ଆୟବ୍ୟୟ ହିସାବ ମାଗିବାରୁ ଗାଡ଼ି ଚଢ଼ାଇ ମାରିଦେବାକୁ ଧମକ

କେନ୍ଦ୍ରାପଡ଼ା,୧୬।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଏକ ନିର୍ଦ୍ଦିଷ୍ଟ ସୋସାଇଟି ସଭାପତିଙ୍କ ନାଁରେ ସାଙ୍ଘାତିକ ଅଭିଯୋଗ ହୋଇଛି। ସେହି ସୋସାଇଟିର ନିର୍ଦ୍ଦେଶକ ସେକ ରିୟାସତ ଟାଉନ ଥାନାରେ ଏତଲା ଦେଇଛନ୍ତି। ଟାଉନ ଥାନା ଅନ୍ତର୍ଗତ ଇଦ୍‌ଗାମହଲାର ସେକ୍ ରିୟାସତ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ସେହି ସୋସାଇଟିର ସେ ନିର୍ଦ୍ଦେଶକ ଅଛନ୍ତି। ଗତ ୭ ତାରିଖରେ ସେହି ସୋସାଇଟିର ମୁଖ୍ୟ ଶାଖାରେ ଅନୁଷ୍ଠିତ ଏକ ବୈଠକରେ ସେ ଯୋଗଦେବା ଅବସରରେ ସୋସାଇଟି ସଭାପତିଙ୍କୁ ସମିତିର ଆୟବ୍ୟୟର ହିସାବ ମାଗିଥିଲେ। ଏତିକିରେ ସଭାପତି ରାଗିଯାଇ ତାଙ୍କୁ ଗାଡ଼ି ଚଢ଼ାଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଚାକିରି ଦେବାକୁ କହି ଅର୍ଥ ଆଦାୟ କରି ଠକେଇ କରିବା,ବୀମା ପ୍ରିମିଅମ୍ ରାଶିକୁ ହଡ଼ପ, ମିଥ୍ୟା ବିଲ୍ କରାଯାଇ ଅର୍ଥ ତୋଷାରପାତ ସଭାପତି କରିଥିବା ସେ ତାଙ୍କ ଏତଲାରେ ଦର୍ଶାଇବା ସହ କାର୍ଯ୍ୟାନୁଷ୍ଠାନ ନହେଲେ ହଜାର ହଜାର ଜମାକାରୀଙ୍କ ଅର୍ଥ ବୁଡ଼ିଯିବ ବୋଲି କହିଛନ୍ତି।

## ସାହସପୁର ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ

କେନ୍ଦ୍ରାପଡ଼ା,୧୬।୧(ସମିସ): କଂସାର ସାହସପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ପୋଷାକ ବିତରଣ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ରାଉଳ ଅଧକ୍ଷତାରେ ଆୟୋଜିତ ସଭାରେ କଂସାର ସରପଞ୍ଚ ମୁଖ୍ୟଅତିଥି ଭାବେ ଯୋଗଦେଇ ପୋଷାକ ବଣ୍ଟନ କରିଥିଲେ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୫୩ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ଓ ଜୋତା ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷା କମିଟିର ସଭାପତି ରମେଶ ଚନ୍ଦ୍ର ସେଠୀଙ୍କ ସମେତ ପ୍ରଦୀପ ପରିଡା, ଗଜେନ୍ଦ୍ର ପରିଡା ଉପସ୍ଥିତ ଥିଲେ। ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଦିଲ୍ଲୀପ କୁମାର ଦାସ, ମନୋଜ କୁମାର ସାହୁ, ଆଶୁତୋଷ ବେହେରା, ରମେଶ ପ୍ରଧାନ, ସରିତା ସାହାଣୀ, ରଶ୍ମିତା ଦାସ, ଭକ୍ତିଲତା ମହାରଣା, ପୂର୍ଣ୍ଣିମା ଚୌଧୁରୀ, ମନୋଜ ନାୟକ, ସମାଜସେବୀ ନିରଞ୍ଜନ ପରିଡା ପ୍ରମୁଖ ଯୋଗଦାନ କରିଥିଲେ।

## ହେଉନି ରକ୍ଷଣାବେକ୍ଷଣ, ଗାଁ ରାସ୍ତା ଶୋଚନୀୟ



ରାଜକନିକା,୧୬।୧(ସମିସ): କାମ କରିବା ପରେ ତା'ର ରକ୍ଷଣବେକ୍ଷଣ ନ କରିବା ଭଳି ଗୁରୁତର ତ୍ରୁଟି ଯୋଗୁଁ ପଞ୍ଚାୟତମାନଙ୍କରେ ନିର୍ମିତ ରାସ୍ତା ଏବେ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ରାଜକନିକା ବ୍ଲକ୍‌ର ସମସ୍ତ ପଞ୍ଚାୟତରେ ଏସବୁ ପ୍ରକଳ୍ପ କାମ ମରାମତି ଅଭାବରୁ ଗମନାଗମନ ପାଇଁ ସମସ୍ୟା ସୃଷ୍ଟି କରିଛି। ରାଜକନିକା ବ୍ଲକ୍ ଅଧୀନ ବଳରାମପୁର ପଞ୍ଚାୟତର ଦେଓଗାଁ ଇଚ୍ଛାବତୀ ମନ୍ଦିର ପାଖରୁ ଦେଓଗାଁ ସ୍କୁଲ ପର୍ଯ୍ୟନ୍ତ ରାସ୍ତା ଦୀର୍ଘଦିନ ଧରି ଖରାପ ହୋଇପଡ଼ିଛି। ଏହି ରାସ୍ତା ମରାମତି ପାଇଁ ସମିତି ସଭ୍ୟ ପାଣ୍ଠିରୁ ଦୁଇ ଲକ୍ଷ ପାଞ୍ଚ ହଜାର ମଞ୍ଜୁର ହୋଇଥିଲେ ହେଁ ୬ ମାସ ହେବ ବ୍ଲକରେ ଫାଇଲ ଖୋଲି ନ ଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ଦୀପକ ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଇତିମଧ୍ୟରେ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ବଦଳି ହେବା ଯୋଗୁଁ ବିଭିନ୍ନ ଉନ୍ନୟନମୂଳକ କାମ ଠପ୍ ହୋଇପଡ଼ିଛି। ଉପରୋକ୍ତ ରାସ୍ତାକୁ ତୁରନ୍ତ ମରାମତି ପାଇଁ ସାଧାରଣରେ ଦାବି ହେଉଛି।

## ■ ବାପଘରେ ରହୁଛି ପତ୍ନୀ

# ସନ୍ତାନର ଡିଏନ୍‌ଏ ପରୀକ୍ଷା ପାଇଁ ପୁଲିସ ଦ୍ୱାରସ୍ଥ ହେଲେ ସ୍ୱାମୀ

ପଟ୍ଟାମୁଣ୍ଡାଇ,୧୬।୧(ସମିସ): ସମ୍ପ୍ରତି ଦୀର୍ଘ ଅଢେଇ ବର୍ଷ ଧରି ବାପ ଘରେ ରହି ଆସୁଥିବା ପତ୍ନୀର ସନ୍ତାନ ପ୍ରସବକୁ ନେଇ ସନ୍ଦେହ ପ୍ରକାଶ କରିଛି ସ୍ୱାମୀ। ଜନ୍ମିତ ସନ୍ତାନର ଡିଏନ୍‌ଏ ପରୀକ୍ଷା ପାଇଁ ସେ ପୁଲିସରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ଚଉଡ଼କୁଲାଟ ଫାଣ୍ଡି ତଥା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ସ୍ଥାନୀୟ ଏକ ଗ୍ରାମର ଜନୈକ ଯୁବକଙ୍କ ଗତ ୪ ବର୍ଷ ତଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ଏକ ଗ୍ରାମରେ ବୈଦିକ ରୀତିରେ ବିବାହ କରିଥିଲେ। ବିଭିନ୍ନ କାରଣରୁ ତାଙ୍କ ପତ୍ନୀ ବାପ ଘରେ ରହି ଆସୁଥିଲେ। ସେଠାରେ ସେ ଏକ ସନ୍ତାନ ପ୍ରସବ କରିବା ପରେ ବିବାଦ ବଢିଯାଇଛି।

## କଳାକାର ଈଶ୍ୱରଙ୍କ ସ୍ମୃତିସଭା ଶ୍ରଦ୍ଧାଞ୍ଜଳି

ପଞ୍ଚୁପାଣ୍ଡବ,୧୬।୧(ସମିସ): ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆ ପାଟଣା ଗ୍ରାମର କଳାକାର ଈଶ୍ୱର ଚନ୍ଦ୍ର ଦାସଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସମାଜ ସେବୀ କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସ୍ୱର୍ଗତ ଦାସଙ୍କ ସ୍ମୃତିସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ସାହିତ୍ୟ ସଂସଦର ବିଶିଷ୍ଟ କବି ଅର୍ପିତା ସେଠୀ ଏବଂ ମୁଖ୍ୟବକ୍ତା ଭାବେ ଶଲ୍ୟଜା ସାମଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସର ପ୍ରଧାନ ଶିକ୍ଷକ ଭାଗିରଥି ମହାନ୍ତି, ସମର କେଶରୀ ସାମଲ, ସମାଜସେବୀ ବସନ୍ତ କୁମାର ପରିଡ଼ା ଯୋଗଦେଇଥିଲେ। ସ୍ୱର୍ଗତ ଦାସ ଜଣେ ସଂଗୀତକାର, ଅଭିନେତା, ହାରମୋନିୟମ ବାଦକ ଏବଂ କଣ୍ଠଶିଳ୍ପୀ ଭଳି ଏକାଧିକ ଗୁଣର ଅଧିକାରୀ ଥିଲେ ବୋଲି ଅଥିତିମାନେ ବକ୍ତବ୍ୟରେ କହିଥିଲେ। ସ୍ୱର୍ଗତ ଦାସଙ୍କ ୯୫ ବର୍ଷରେ ଗତ ୪ ତାରିଖରେ ପରଲୋକ ଘଟିଥିଲା। ସଙ୍ଗୀତ ପରିବେଷଣ ମଙ୍ଗେଲେଶ୍ୱର କଳା ପରିଷଦ ହଳଦିଆପାଟଣାର କିଶୋର ଚନ୍ଦ୍ର ଜେନା, ଆନ ମଲ୍ଲିକ, ଦର୍ଶନୀ, ଆଶୁତୋଷ, ରଶ୍ମି, ନନ୍ଦକିଶୋର ଏବଂ କ୍ଷୀରୋଦ ସହଯୋଗ କରିଥିଲେ। ସଭାରେ ପରିବାରବର୍ଗ ଉପସ୍ଥିତ ଥିଲେ।

## ଗୋବରୀ ସାରସ୍ୱତ ପରିଷଦ ପକ୍ଷରୁ ମକର ମିଳନ

କେନ୍ଦ୍ରାପଡ଼ା,୧୬।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଗୋବରୀ ସାରସ୍ୱତ ପରିଷଦ ପକ୍ଷରୁ ମକର ମିଳନ ଓ ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ସିଦ୍ଧ ମା' ଛୁଆଳିଆ ଶକ୍ତି ପୀଠରେ ପାଳିତ ହୋଇଯାଇଛି। ଡଃ ବାସୁଦେବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଡଃ ବୈଷ୍ଣବ ଚରଣ ସିଂହଙ୍କ ସ୍ମୃତିଚାରଣ ସହିତ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ନନ୍ଦକିଶୋର ପରିଡା, ମୁଖ୍ୟବକ୍ତା ଭାବେ ଡଃ ବାସନ୍ତୀ ମହାନ୍ତି, ସମ୍ମାନିତ ଅତିଥି ଡଃ ନୀଳମଣି ଲେଙ୍କା, କବି ହେମନ୍ତ ରାଉତ, ଡଃ ଶ୍ରୀଧର ସାମଲ ଯୋଗ ଦେଇଥିଲେ। କବି ନିରୁପମା ଦାସ ଓ କବି ଆରାଧନା ଦାଶଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ୱାଗତ ସମ୍ଭାଷଣ ଉପାଧକ୍ଷ ସମରେନ୍ଦ୍ର ଜେନା ମଞ୍ଚ ସଞ୍ଚାଳନ କରିଥିଲେ।

## ବିଆରସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ;ପଛପଡା ବିଜୟୀ

ପଟ୍ଟାମୁଣ୍ଡାଇ,୧୬।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଆମ୍ବେର ବିଆରସିସି କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ବିଆରସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବେଲତଳ, ଡିହାପଡା, ଅଠରବାଟିଆ, ଖଡିଅଣ୍ଟା, ପଛପଡା, ନରସିଂହପୁର, ଦକ୍ଷିଣଦିଆ ଓ ଅରଡପଲ୍ଲୀ ଆଦି ୮ ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ପଛପଡା ଓ ଅଠରବାଟିଆ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୪ ଓଭରରେ ଅଠରବାଟିଆ କ୍ରିକେଟ କ୍ଲବ ୪୭ ରନ ସଂଗ୍ରହ କରିଥିଲା। ପଛପଡା କ୍ରିକେଟ କ୍ଲବର ଅଧିନାୟକ ଆଡଭୋକେଟ ଅଶ୍ୱନୀ କୁମାର ଚୌଧୁରୀଙ୍କ ମାର୍ଗ ଦର୍ଶନରେ ପଛପଡା କ୍ରିକେଟ କ୍ଲବ ୭ ୱିକେଟ ଥାଇ ୩.୨ ଓଭରରେ ବିଜୟ ହାସଲ କରିଥିଲା। ଉଦଯାପନ ଉତ୍ସବରେ ବରିଷ୍ଠ ସମାଜସେବୀ ବିକ୍ରମ କେଶରୀ ରାୟ ମୁଖ୍ୟ ଅତିଥି, ଜିତେନ୍ଦ୍ର ସାମଲ, ତ୍ରିଲୋଚନ ସାମଲ, ସତ୍ୟବ୍ରତ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜୟୀ ପଛପଡା କ୍ରିକେଟ କ୍ଲବକୁ ଟ୍ରଫି ପ୍ରଦାନ କରିବା ସହିତ ରନର୍ସ ଅଫ ଅଠରବାଟିଆ କ୍ରିକେଟ କ୍ଲବକୁ କପ ପ୍ରଦାନ କରିଥିଲେ।

## ନିମପୁର ଶାସନ ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ପଟ୍ଟାମୁଣ୍ଡାଇ,୧୬।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନିମପୁର ଶାସନ ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ତପନ କୁମାର ରାୟଙ୍କ ପୌରହିତ୍ୟ ଓ କ୍ରୀଡା ଶିକ୍ଷକ ଅଜୟ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ନିମପୁର ଶାସନ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ବଳଦେବ ପ୍ରସାଦ ନାୟକ ମୁଖ୍ୟଅତିଥି, ସାମ୍ବାଦିକ ଜଗନ୍ନାଥ ଆଚାର୍ଯ୍ୟ, ପୂର୍ବତନ ପ୍ରଧାନଶିକ୍ଷକ ଶୁକଦେବ ଦାସ, ଶାସନ ସରପଞ୍ଚ ସଂଗ୍ରାମ ବାରିକ, ସ୍କୁଲ ପରିଚାଳନା କମିଟିର ସଭାପତି ବାସୁଦେବ ସେଠୀ, ସ୍କୁଲର ପୂର୍ବତନ କ୍ରୀଡ଼ା ଶିକ୍ଷକ ରମେଶ ଚନ୍ଦ୍ର ଦାସ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦଘାଟନ କରିଥିଲେ। ମଶାଲ ଦୋ÷ଡ଼ ସହ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରେଡ ପ୍ରଦର୍ଶନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ମମତା କୁମାରୀ ଷଡଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମିନତୀ ଜେନା ଧନ୍ୟବାଦ ଦେଇଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବକୁ ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରଜ୍ଞା ମହାଳି, ଜନ୍ମେଞ୍ଜୟ ସ୍ୱାଇଁ, ହରିଶଙ୍କର ନାଥ,, ଗୀତାଞ୍ଜଳୀ ମିଶ୍ର, ନିବେଦିତା ଦାସ ପ୍ରମୁଖ ପରିଚାଳନା କରିଥିବା ବେଳେ ହରପ୍ରିୟା ସାହୁ, ପୂଜା ମଲିକ, ଜୟଶ୍ରୀ ପ୍ରଧାନ, ସ୍ମାରକୀ ପ୍ରିୟଦର୍ଶନୀ, ସରସ୍ୱତୀ ପଲାଇ, ଶୁଭଶ୍ରୀ ଶୁଭସ୍ମିତା ସାମଲ, ଚନ୍ଦ୍ରଭାନୁ ମଲ୍ଲିକ, ଗଗନ ବିହାରୀ ଭୂୟାଁ, ବିଷ୍ଣୁ ଚରଣ ଧଳ ପ୍ରମୁଖ ସହଯୋଗ କରିଥିଲେ।

## ନଳିନୀକାନ୍ତ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ରାଜନଗର, ୧୬।୧(ସମିସ): ରାଜନଗର ବ୍ଲକ୍ ଚାନ୍ଦିବାଉଁଶମୂଳସ୍ଥ ନଳିନୀକାନ୍ତ ଉଚ୍ଚ ମାଧମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଅଧକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ପ୍ରୋଗ୍ରାମ ସଂଯୋଜକ ଅଧ୍ୟାପକ ମନୋଜ କୁମାର ପରିଡ଼ା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ତ୍ରିଲୋଚନ ରାଉତ, ଗିରିଶ ନାୟକ, ଉମାକାନ୍ତ ମିଶ୍ର, ଖେଳ ଶିକ୍ଷକ କିଶୋର ଚୌଧୁରୀ, ଅଧ୍ୟାପିକା ଜ୍ୟୋସ୍ନାବାଳା ଦାଶ, ଚୌଧୁରୀ ଜୟନ୍ତ କୁମାର ପ୍ରହରାଜ, ସୁଚିତ୍ରା ବଳ, ବସନ୍ତ ରାଉଳ, ଯାମିନୀକାନ୍ତ ରାଉଳ, ଅଶୋକ ରାଉତ, ପୁଷ୍ପଲତା ରାଉତ ଓ ଦିଗମ୍ବର ପଣ୍ଡା ପ୍ରମୁଖ ଯୋଗଦେଇ ଯେକୌଣସି ପରିସ୍ଥିତିରେ କିପରି ସାମ୍ନା କରିହେବ, ତା'ର କୌଶଳ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ଶ୍ରୀବସ୍ତ ଓଝାଙ୍କ ଶ୍ରାଦ୍ଧବାର୍ଷିକୀ

କେନ୍ଦ୍ରାପଡ଼ା,୧୬।୧(ସମିସ): କେନ୍ଦ୍ରାପଡ଼ା ବ୍ଲକ୍ କଂସାର ପଞ୍ଚାୟତ ଅନ୍ତର୍ଗତ ସାହସପୁର ଗ୍ରାମର ଶ୍ରୀବସ୍ତ ଓଝାଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଗୀତାପାଠ, ସଂକୀର୍ତ୍ତନ ଓ ଗୋପାଳ ଶହସ୍ରନାମ କରାଯାଇଥିଲା। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଓଝାଙ୍କ ସମାଜ ପ୍ରତି ଥିବା ଅବଦାନ ସଂପର୍କରେ ମତବ୍ୟକ୍ତ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ବସନ୍ତ ଓଝା, ନିହାର ଓଝା, ଦୀପ୍ତିନାରାୟଣ ଓଝା, ଜ୍ଞାନରଞ୍ଜନ ଓଝା, ନିର୍ମଳ ମହାରଣା, ଗୋପାଳ ମହାରଣା, ସୁରେଶ ସୂତାର, ବାଇଧର ମହାରଣା, ସମାଜସେବୀ ନିରଞ୍ଜନ ପରିଡ଼ା, ରବୀନ୍ଦ୍ର ମହାପାତ୍ର, ପ୍ରଶାନ୍ତ ବେହେରା, ପରମାନନ୍ଦ ସେଠୀ, ମୂରଲୀଧର ପାତ୍ର, ଅନନ୍ତ ନାୟକ ଓ ରବୀନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସାଇ ଆଶ୍ରମର ନବମ ପ୍ରତିଷ୍ଠା ଦିବସ

ଡେରାବିଶ,୧୬।୧(ସମିସ): କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିବଜାର ସ୍ଥିତ ସିରିଡ଼ିସାଇ ଆଶ୍ରମର ନବମ ପ୍ରତିଷ୍ଠା ଦିବସ ଦୁଇଦିନ ଧରି ପାଳିତ ହୋଇଯାଇଛି। ଶିରିଡ଼ି ସାଇବାବା ଜନକଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନ ଆଶ୍ରମ ପରିସରରେ ପ୍ରାତଃ ଆରତୀ ଓ ପୂରେ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ଯଜ୍ଞ ପୂର୍ଣ୍ଣାହୁତୀ ଓ ଉତ୍ସବ ସମାପନ କରାଯାଇଥିଲା। କାର୍ଯ୍ୟକ୍ରମର ଉଭୟ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାଇଭଜନ ଓ ଜଣାଣ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକର ବିଭିନ୍ନ ପଞ୍ଚାୟତର ହଜାର ହଜାର ସାଇ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଦୁଇଦିନ ଧରି ଅନୁଷ୍ଠାନ ତରଫରୁ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ।

## ଝଙ୍କଡ଼ ସାହିତ୍ୟ ସଂସଦ ପକ୍ଷରୁ ଫକୀରମୋହନଙ୍କ ଜୟନ୍ତୀ

ତିର୍ତ୍ତୋଲ,୧୬।୧(ସମିସ): ଝଙ୍କଡ଼ ସାହିତ୍ୟ ସଂସଦ ପକ୍ଷରୁ ମକର ମିଳନ ଓ ଫକୀରମୋହନ ସେନାପତିଙ୍କ ଜୟନ୍ତୀ ତେନ୍ତୁଳିପଦା ଆଖଣ୍ଡଳେଶ୍ୱର ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ସଂସଦର ଉପସଭାପତି ପ୍ରଧାପିକା ଡଃ ବିଷ୍ଣୁପ୍ରିୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେଶ ମହାନ୍ତି, ମୁଖ୍ୟବକ୍ତା ଅକ୍ଷୟ ଦାସ, ସମ୍ମାନିତ ଅତିଥି ଡଃ ଆରତୀ କର, ଝୁଲରାମ ଦାସ, ଅଧାପିକା ରାଜଶ୍ରୀ ସ୍ୱାଇଁ, ହେମନ୍ତ ନାୟକ, ଦେବେନ୍ଦ୍ର ନାଥ କର ଯୋଗଦେଇ ମକର ପର୍ବ ପାଳନର ତାତ୍ପର୍ଯ୍ୟ ଓ ଫକୀରମୋହନଙ୍କ ବିଭିନ୍ନ ରଚନାବଳୀ ଉପରେ ଆଲୋଚନା କରିଥିଲେ। ସଂଗଠନ ସମ୍ପାଦକ ପଣ୍ଡିତ ବାସବ ନନ୍ଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପରେ କବୟିତ୍ରୀ ସବିତା ନାୟକଙ୍କ ସଂଯୋଜନାରେ ନାରାୟଣ ନାୟକ, ପ୍ରଭାତ ପରିଜା, ପଦ୍ମାବତୀ ମିଶ୍ର, ଅଞ୍ଜନା ମହାନ୍ତି, ପାୟଲ ମଣ୍ଡଳ, ବାସୁଦେବ ପଟ୍ଟନାୟକ, ସ୍ୱପ୍ନା ବିଶ୍ୱାଳ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ରାଧାମୋହନ ପରିଜା ଧନ୍ୟବାଦ୍ ଦେଇଥିଲେ।

## ତୃତୀୟ ଶ୍ରେଣୀ ମେଧାବୃତ୍ତି ପାଇଲେ ପ୍ରତ୍ୟାଶା

ଡେରାବିଶ,୧୬।୧(ସମିସ): ଡେରାବିଶ ବ୍ଲକର ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ବ୍ଲକ ଅଞ୍ଚଳର ୭ଟି ବିଦ୍ୟାଳୟର ୭ ଜଣ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ରତାଦିଆ ଖଣ୍ଡସାହି ହାଇସ୍କୁଲର ତୃତୀୟ ଶ୍ରେଣୀ ଛାତ୍ରୀ ପ୍ରତ୍ୟାଶା ପ୍ରିୟଦର୍ଶିନୀ ମିଶ୍ର ଏହି ବୃତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରତ୍ୟାଶା ବନ୍ଧପଡ଼ା ଗ୍ରାମର ଚନ୍ଦ୍ରକାନ୍ତ ମିଶ୍ର ଓ ରାନୁବାଳା ମିଶ୍ରଙ୍କ କନ୍ୟା। ତାଙ୍କ ଜେଜ ଅବସରପ୍ରାପ୍ତ ଶିକ୍ଷକ ନବକିଶୋର ମିଶ୍ରଙ୍କ ଉଦ୍ୟମ ଯୋଗୁ ଏହା ହୋଇପାରିଛି।

## ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ବାଲିକୁଦା,୧୬।୧(ସମିସ): ବାଲିକୁଦା ବ୍ଲକ୍ ଓଷକଣା ପଞ୍ଚାୟତ ସାମନ୍ତରାପୁର ଗ୍ରାମରେ ହର୍ଷା ଟ୍ରଷ୍ଟ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆର୍ଥିକ ସହାୟତାରେ ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଏହି ପ୍ରକଳ୍ପ ପ୍ରାୟ ୩୫ ଲକ୍ଷ ଟଙ୍କାରେ ନିର୍ମିତ ହୋଇଛି। ଗ୍ରାମର ବରିଷ୍ଠ ମୁରବୀ ଲକ୍ଷ୍ମଣ ବାରିକ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ତରୁଣ ମହାନ୍ତି ଯୋଗଦେଇ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଫଳରେ ଏହାର ଦାୟିତ୍ୱରେ ଥିବା ମହିଳା ଆର୍ଥିକ ସାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ପ୍ରକଳ୍ପ ଦାୟିତ୍ୱ ଗ୍ରାମର ବିଜୟିନୀ ଜଳ ଉପଭୋକ୍ତା କମିଟି ହାତରେ ନ୍ୟସ୍ତ ରହିଛି। କାର୍ଡ ମାଧ୍ୟମରେ ଲିଟର ପିଛା ୫୦ ପଇସାରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ପାଣି ବିକ୍ରୟ କରାଯିବ। ଫଳରେ ଅତି କମ୍ ମୂଲ୍ୟରେ ଉପକୂଳ ଅଞ୍ଚଳର ଲୋକେ ବିଶୁଦ୍ଧ ପାନୀୟଜଳ ପାଇପାରିବା ସହ ପାନୀୟଜଳ ସଙ୍କଟ ଦୂର ହୋଇପାରିବ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଜୟିନୀ ଜଳ ଉପଭୋକ୍ତା କମିଟିର ସଭାପତି ଜ୍ୟୋସ୍ନାରାଣୀ ସାହୁ, ସମ୍ପାଦିକା ଲିଲି ପ୍ରଧାନ, କୋଷାଧକ୍ଷା ଲିଲି ସ୍ୱାଇଁ, ସଦସ୍ୟା ଜୟନ୍ତୀ ମହାରଣା, ଝୁନାରାଣୀ ସାହୁ, ରଞ୍ଜନା ସ୍ୱାଇଁ, ତପସ୍ୱିନୀ ବାରିକ, ପ୍ରତୀମା ସ୍ୱାଇଁ, ମିନତୀ ସ୍ୱାଇଁ, ଗୀତାଞ୍ଜଳି ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ■ ମନୋଜ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କେନ୍ଦ୍ରାପଡ଼ା ଟିମ୍ ଚାମ୍ପିଅନ୍



ଡେରାବିଶ,୧୬।୧(ସମିସ): କେନ୍ଦ୍ରାପଡ଼ା ବ୍ଲକ ଜମଧର ପଞ୍ଚାୟତ ଅନ୍ତର୍ଗତ ବଡ଼ଗାଁ ଖେଳପଡ଼ିଆରେ ମନୋଜ ମେମୋରିଆଲ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍‌ରେ କେନ୍ଦ୍ରାପଡ଼ା ଓ ଇନ୍ଦୁପୁର ଟିମ୍ ପରସ୍ପରକୁ ଭେଟିଥିଲେ। ପ୍ରଥମେ ଇନ୍ଦୁପୁର ଟିମ୍ ଟସ୍ ଜିତି ବ୍ୟାଟିଂ କରି ୧୦ ଓଭରରେ ୫୭ ରନ୍ କରିଥିଲା। ଜବାବରେ କେନ୍ଦ୍ରାପଡ଼ା ଟିମ୍ ୮ ଓଭରରେ ୬ ୱିକେଟ ହରାଇ ୫୮ ରନ୍ କରି ଚାମ୍ପିଅନ୍ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଫ୍ଲିପ୍‌କାର୍ଟ କେନ୍ଦ୍ରାପଡ଼ା ଶାଖାର ମ୍ୟାନେଜର ଭାଗିରଥି ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା କେନ୍ଦ୍ରାପଡ଼ା ଟିମ୍‌କୁ ବିଜୟ ଟ୍ରଫି ଦେବା ସହ ଇନ୍ଦୁପୁର ଟିମ୍‌କୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଫ୍ଲିପକାର୍ଟ କାର୍ଯ୍ୟାଳୟର ଅମର ରାଉତ, ଚନ୍ଦ୍ରଶେଖର ମଣ୍ଡଳ, ଏପି ନାୟକ, ପ୍ରଶାନ୍ତ ନାୟକ, ନିଲୁ ରାଉତରାୟ, ପ୍ରଦ୍ୟୁମ୍ନ ଶତପଥି, ପ୍ରଭାତ ବାରିକ, ଶିଖା ଦାସ, ମଧୁସ୍ମିତା ଷଡ଼ଙ୍ଗୀ, ଦେବୀପ୍ରସାଦ ଦାସ, ଦୂଷ୍ମନ୍ତ ବାରିକ, ଭକ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଫ୍ଲିପକାର୍ଟରେ କେନ୍ଦ୍ରାପଡ଼ା କାର୍ଯ୍ୟାଳୟରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ସବଳଙ୍ଗ ଗ୍ରାମର ମନୋଜ କୁମାର ମହାରଣା (୩୨)ଙ୍କର କର୍କଟରେ ଗତମାସରେ ମୃତ୍ୟୁ ହୋଇଥିଲା। ତାଙ୍କ ସ୍ମୃତିରେ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିବା କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

# ନଳକୂପରୁ ବାହାରୁଛି ଦୂଷିତ ପାଣି; ଚିନ୍ତାରେ ଗ୍ରାମବାସୀ



ପାରାଦୀପ,୧୬।୧(ସମିସ): ପାରାଦୀପ ଗଡ ଗ୍ରାମପଞ୍ଚାୟତ ଅଧିନ ୨୧ ନମ୍ବର ୱାର୍ଡ ଉଦୟଚାନ୍ଦପୁର (ଚନଗଣ) ଗ୍ରାମରେ ନଳକୂପରୁ ବାହାରୁଛି ଗୋଳିଆ ପାଣି। ବାଧହୋଇ ଏହି ପାଣିକୁ ପିଉଛନ୍ତି ଗ୍ରାମବାସୀ। ଏଠାରେ ୧୨୦ରୁ ଊର୍ଦ୍ଧ୍ୱ ପରିବାରରେ ପାଖାପାଖି ୩୦୦ ଲୋକେ ବସବାସ କରନ୍ତି। ପାରାଦୀପ ବନ୍ଦର ପ୍ରତିଷ୍ଠା ହେବା ପରଠାରୁ ଏଠାରେ ଯଦିଓ ଏତେ ପରିବାର ନଥିଲେ, କାଳକ୍ରମେ ସେମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗାଁର ଉଭୟ ପାଶ୍ୱର୍ରେ ଶିଳ୍ପ ଗଢି ଉଠିଲା। ଶିଳ୍ପ ହେଲେ ବିକାଶ ହେବ, ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳିବ ଏହି ଭରଷାରେ ରହିଥିବା ଉକ୍ତ ଗ୍ରାମବାସୀ ଏବେ ଚିନ୍ତାରେ। ବିକାଶ କଥା ଛାଡ ଟୋପେ ସ୍ୱଚ୍ଛ ପିଇବା ପାଣି ମିଳୁନାହିଁ। ସେମାନଙ୍କ ପ୍ରତି ପ୍ରଶାସନ ଏକ ପ୍ରକାର ଆଖି ବୁଝିଦେଇଛି। ତା ସାଙ୍ଗକୁ କଳ କାରଖାନାର ଦୂଷିତ ବାୟୁ ସେମାନଙ୍କୁ ଚିନ୍ତାରେ ପକାଇ ଦେଇଛି। ପାଣି ମାଫିଆ ପାଣି ଶୋଷି କଳକାରଖାନାରେ ବିକ୍ରି କରି ମୋଟା ଅଙ୍କର ମୁନାଫା ପାଉଥିବାବେଳେ ଭୂତଳ ଜଳସ୍ତର ଖସି ଖସି ଯାଉଛି। ଅନ୍ୟପଟେ ସ୍ୱଚ୍ଛ ପାଣି ଟୋପେ ସାତ ସପନ ପାଲଟିଛି। ଗ୍ରାମରେ ଥିବା ନଳକୂପରୁ ଗୋଳିଆ ପାଣି ବାହାରୁଥିବା ଅଭିଯୋଗ କରିଛନ୍ତି ଗ୍ରାମର ଲୋକେ। ଆହୁରି ସେମାନଙ୍କ ବାଡ଼ି ବଗିଚାରେ ମଧ୍ୟ କୌଣସି ଫସଲ ହେଉନଥିବା ବେଳେ ଗଛଲତା ସବୁ ମରିଯାଉଥିବା ଦେଖିବାକୁ ମିଳୁଛି। ଏତେ ସମସ୍ୟା ଘେରରେ ରହିଥିଲେ ମଧ୍ୟ ନାଁ ସେମାନଙ୍କ ସମସ୍ୟା ପ୍ରତି କାହାର ନଜର ରହିଛି ନାଁ କୌଣସି ରାଜନେତା ଯାଇ ଆହା ପଦେ କହୁଛି। ଗ୍ରାମକୁ ଏବେବି ଭଲ ରାସ୍ତା ନାହିଁ। ଗ୍ରାମବାସୀ ଯିବାଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବା ପରେବି କେହି ଶୁଣୁନାହାନ୍ତି। ନିର୍ବାଚନ ବେଳେ ଏହି ଗାଁ କୁ ବିଭିନ୍ନ ରାଜନୈତିକ ଦଳର ନେତା ଯାଇ ଭୋଟ ମାଗିଥାନ୍ତି, କିନ୍ତୁ ଜିତିଲା ପରେ ଆଉ ଦେଖା ମିଳେନା। ଦୀପ ତଳ ଅନ୍ଧାର ଭଳି ଶିଳ୍ପ ପାଖର ଗାଁରେ ଉନ୍ନତି ହେବା ବଦଳରେ ପାଣି ଟୋପେ ମିଳୁନାହିଁ। ଥିଲାବାଲା ପାଣି କିଣିକି ପିଉଥିବାବେଳେ ଗରିବ ଲୋକେ ଗୋଳିଆ ପାଣି ପିଇ ରୋଗରେ ପଡୁଛନ୍ତି। ଯଦି ସ୍ଥାୟୀ ସମାଧାନ ଶ୍ରୀଘ୍ର ନହୁଏ, ତେବେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ୨୧ ନମ୍ବର ୱାର୍ଡବାସୀନ୍ଦା। ସ୍ଥାନୀୟ ଶିଳ୍ପସଂସ୍ଥାର ସିଏସ୍‌ଆର ଫଣ୍ଡ ଅର୍ଥ ଖର୍ଚ୍ଚ କରାଯାଇ ଲୋକଙ୍କ ମୌଳିକ ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

